ODIA DAILY EDITION
05.02.2026
କଟକ, ଗୁରୁବାର
ପୃଷ୍ଠା- ୪ + ୪ , ମୂଲ୍ୟ- ₹ ୨ .00
ଫେବୃଆରୀ-୦୫, ୨୦୨୬
ବର୍ଷ-୩୭, ସଂଖ୍ୟା-୨୦୯
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA
36 Years of publication SINCE 1989
Epaper- www.matrubhasa.com
matrubhasanews@gmail.com
matrubhasanews@yahoo.co.in
facebook.com/matrubhasanews



## ଶ୍ୱେତଗଙ୍ଗାରେ ପିଣ୍ଡଦାନ ପରେ ଶ୍ରୀଜୀଉଙ୍କୁ ଦର୍ଶନ କଲେ ରାଷ୍ଟ୍ରପତି

**ପୁରୀ, ୪।୨:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ପୂର୍ବାହ୍ନରେ ଶ୍ୱେତଗଙ୍ଗାରେ ପିଣ୍ଡଦାନ କରିବା ସହ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି । ଲୋକ ଭବନରୁ ବାହାରି ରାଷ୍ଟ୍ରପତି ଭିଆଇପି ରୋଡ୍, ମେଡିକାଲ ଛକ , କାକୁଡିଖାଇ ଛକ ଦେଇ ଶ୍ୱେତଗଙ୍ଗାରେ ପହଞ୍ଚିଥିଲେ ।ସେଠାରେ ପୂଜାର୍ଚ୍ଚନା ଓ ପିଣ୍ଡଦାନ ପରେ ଏମାର ମଠ ଚକଡା ଦେଇ ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ । ସେଠାରେ ଗଜପତି ମହାରାଜା ଦିବ୍ୟସିଂହ ଦେବ, ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ କୁମାର ପାଢୀ, ପୁଲିସ ଆଇଜି ଅରୁଣ କୁମାର ସାହୁ,ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା,ଏସପି ପ୍ରତୀକ ସିଂ ପ୍ରମୁଖ ରାଷ୍ଟ୍ରପତି ଙ୍କୁ ସ୍ୱାଗତ କରିଥିଲେ । ପରେ ରାଷ୍ଟ୍ରପତି ପାଦ ପ୍ରକ୍ଷାଳନ କରି ଅରୁଣ ସ୍ତମ୍ଭ ନିକଟରେ ପହଞ୍ଚି ପ୍ରଣାମ କରିଥିଲେ । ସିଂହଦ୍ୱାର ଦେଇ ପତିତପାବନଙ୍କ ଦର୍ଶନ ସାରି ବାଇଶି ପାହାଚ ଟପି ଶ୍ରୀଜୀଉ ମାନଙ୍କୁ ଦର୍ଶନ କରିଥିଲେ ।ଦର୍ଶନ ପରେ ଫେରିବା ପଥରେ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଉପ ମୁଖ୍ୟମନ୍ତ୍ରୀ କିଛି ସମୟ ବାଇଶି ପାହାଚ ରେ ବସିଥିଲେ ।

### ରାଇରଙ୍ଗପୁରରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କଲେ ରାଷ୍ଟ୍ରପତି

# ଓଡ଼ିଶାର ଇତିହାସ ଏବଂ ସଂସ୍କୃତିରେ ମୟୂରଭଞ୍ଜର ସ୍ଥାନ ସ୍ୱତନ୍ତ୍ର

- ଭାରତ ସରକାରଙ୍କ ପୂର୍ବୋଦୟ ଦୃଷ୍ଟିକୋଣ ଓଡ଼ିଶାର ବିକାଶକୁ ପ୍ରାଥମିକତା ଦେଇଥାଏ : ମୁର୍ମୁ
- ଏହି ପ୍ରକଳ୍ପଗୁଡ଼ିକ ସୁନ୍ଦର ଭବିଷ୍ୟତ ପାଇଁ ପଥ ପ୍ରସ୍ତୁତ କରିବ : ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର, ୪।୨:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ରାଇରଙ୍ଗପୁରଠାରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର ସୂଚନା ପ୍ରଯୁକ୍ତିବିଦ୍ୟା କ୍ୟାମ୍ପସ ଉଦଘାଟନ କରିଛନ୍ତି । ଏଥିସହିତ ସେ ଆୟୁଷ ହସ୍ପିଟାଲ ତଥା ଆୟୁର୍ବେଦିକ କଲେଜ, ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ, ଧନୁର୍ବିଦ୍ୟା କେନ୍ଦ୍ର, ସହର ସୌନ୍ଦର୍ଯ୍ୟକରଣ ଏବଂ ଜଳ ନିଷ୍କାସନ ଉନ୍ନତିକରଣ ପ୍ରକଳ୍ପ, ପ୍ରେକ୍ଷାଳୟ ଓ ସାଂସ୍କୃତିକ କେନ୍ଦ୍ର, ଛାତ୍ରୀନିବାସ ଏବଂ ନିଶା ନିବାରଣ କେନ୍ଦ୍ର ପାଇଁ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି ।

ଏହି ଅବସରରେ ରାଷ୍ଟ୍ରପତି କହିଥିଲେ, ଭାରତ ସରକାରଙ୍କ ପୂର୍ବୋଦୟ ଦୃଷ୍ଟିକୋଣ ଓଡ଼ିଶାର ବିକାଶକୁ ପ୍ରାଥମିକତା ଦେଇଥାଏ । ମୟୂରଭଞ୍ଜ ଜିଲ୍ଲା ଏହି ଦୃଷ୍ଟିକୋଣରୁ ଯଥେଷ୍ଟ ଲାଭ ପାଉଛି । ଏହି ବିକାଶମୂଳକ ପ୍ରକଳ୍ପ, ପ୍ରତିଷ୍ଠାନ ଏବଂ ଯୋଜନାଗୁଡ଼ିକ ସ୍ଥାନୀୟ ଅଞ୍ଚଳକୁ ଲାଭାନ୍ୱିତ କରିବ ଏବଂ ଏଠାକାର ଲୋକଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ରାଷ୍ଟ୍ରପତି ବିଶ୍ୱାସ ପ୍ରକଟ କରିଥିଲେ ।

ରାଷ୍ଟ୍ରପତି କହିଥିଲେ, ଭାରତ ସରକାର ଆଦିବାସୀ ଭାଇଭଉଣୀମାନଙ୍କ ଆର୍ଥିକ ବିକାଶ ପାଇଁ ବିଶେଷ ପ୍ରୟାସ କରୁଛି । ପ୍ରଧାନମନ୍ତ୍ରୀ ବନ ଧନ ଯୋଜନା ମାଧ୍ୟମରେ ୯୦ ରୁ ଅଧିକ କ୍ଷୁଦ୍ର ବନଜାତ ଦ୍ରବ୍ୟ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରାଯାଇଛି । କ୍ଷୁଦ୍ର ଋଣ ଯୋଜନା ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀର ଆଦିବାସୀ ସଦସ୍ୟମାନଙ୍କୁ ଋଣ ଯୋଗାଇ ଦିଆଯାଉଛି । ସେହିପରି ଅନୁସୂଚିତ ଜନଜାତି ମହିଳା ସଶକ୍ତିକରଣ ଯୋଜନା ଅଧୀନରେ ଆଦିବାସୀ ମହିଳାଙ୍କୁ କମ ସୁଧରେ ଋଣ ପ୍ରଦାନ ସରକାରଙ୍କ ପ୍ରତିବଦ୍ଧତାର ଉଦାହରଣ । ସରକାର ଉତ୍ତମ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ସୁବିଧା ପାଇଁ ମଧ୍ୟ କାର୍ଯ୍ୟ କରୁଛନ୍ତି । ପିଭିଟିଜି ସମ୍ପ୍ରଦାୟଗୁଡ଼ିକର କଲ୍ୟାଣ ପାଇଁ ପ୍ରଧାନମନ୍ତ୍ରୀ-ଜନମନ ଯୋଜନା କାର୍ଯ୍ୟକାରୀ କରାଯାଇଛି । ଆଦିବାସୀ ଅଧ୍ୟୁଷିତ ଅଂଚଳଗୁଡ଼ିକୁ ବିଦ୍ୟୁତକରଣ କରାଯାଇଛି ଏବଂ ଦୁର୍ଗମ ଅଂଚଳରେ ଫୋର୍ ଜି ଇଂଟରନେଟ୍ ସଂଯୋଗ ଯୋଗାଇ ଦିଆଯାଇଛି । ଏହି ପ୍ରୟାସ ସହିତ, ଆଦିବାସୀ ଅଂଚଳରେ ସାମଗ୍ରିକ ବିକାଶର ଧାରା ପ୍ରବାହିତ ହେଉଛି ।

ମୟୂରଭଞ୍ଜ ପାଇଁ ଆଜି ଏକ ଐତିହାସିକ ଦିନ । ଏଠାରେ ବହୁବିଧ ଉନ୍ନୟନ ପ୍ରକଳ୍ପର ଉଦ୍ ?ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ମୟୂରଭଞ୍ଜ ତଥା ସାରା ଓଡ଼ିଶାର ନିରନ୍ତର ବିକାଶ ପ୍ରତି ଏହି ପ୍ରକଳ୍ପ ଗୁଡିକ ହେଉଛି କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ମିଳିତ ପ୍ରତିବଦ୍ଧତାର ପ୍ରତିଫଳନ । ଏହି ପ୍ରକଳ୍ପଗୁଡ଼ିକ କେବଳ ସାମାନ୍ୟ କୋଠା କିମ୍ବା ଭିତ୍ତିଭୂମି ନୁହେଁ; ଏହା ହେଉଛି ଉନ୍ନତ ମାନବ ସମ୍ବଳ ସୃଷ୍ଟିରେ ଆମର ନିବେଶ । ବିଶେଷକରି ଯୁବପିଢ଼ି, ଚାଷୀ, ଆଦିବାସୀ ସମ୍ପ୍ରଦାୟ ଏବଂ ମହିଳାଙ୍କ ସୁନ୍ଦର ଭବିଷ୍ୟତ ପାଇଁ ଏହା ପଥ ପ୍ରସ୍ତୁତ କରିବ । ରାଇରଙ୍ଗପୁରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପସ୍ଥିତିରେ ବିଭିନ୍ନ ପ୍ରକଳ୍ପ ଉଦଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି ।

## ଶିକ୍ଷକଙ୍କ ପାଇଁ ଗଠନ ହେଲା ଉଚ୍ଚସ୍ତରୀୟ କମିଟି

**ଭୁବନେଶ୍ୱର,୪।୨:** ଶିକ୍ଷକଙ୍କ ପାଇଁ ଉଚ୍ଚସ୍ତରୀୟ କମିଟି ପୁନଃଗଠିତ । ଶିକ୍ଷକ ଓ ଅଧ୍ୟାପକଙ୍କ ଦାବି ପାଇଁ ପୁନଃଗର୍ଠିତ ହେଲା ଉଚ୍ଚସ୍ତରୀୟ କମିଟି । ଅବସରପ୍ରାପ୍ତ ଆଇଏଏସ ଅଶୋକ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଛି କମିଟି । ୫ ଜଣ ସଦସ୍ୟଙ୍କୁ ନେଇ ପୁନଃଗଠିତ ହୋଇଛି ଏହି ଉଚ୍ଚସ୍ତରୀୟ କମିଟି । ସେହିପରି ଏହି କମିଟିର ଅବସରପ୍ରାପ୍ତ ଆଇଏଏସ୍ ସୁଦର୍ଶନ ନାଏକ ସହ ଅଧ୍ୟକ୍ଷ ରହିବେ । ଶିକ୍ଷକ ଓ ଅଧ୍ୟାପକଙ୍କ ଦାବି ଶୁଣିବା ୬ ମାସ ମଧ୍ୟରେ ଏହି କମିଟି ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେବ ।

## ହ୍ୱାଟ୍ସଆପ୍‌ରେ ମିଳିବ ରାଜସ୍ୱ ସେବା

**ଭୁବନେଶ୍ୱର, ୪।୨:** ଏଣିକି ହ୍ୱାଟ୍ସ ଆପ୍‌ରେ ମିଳିବ ରାଜସ୍ୱ ସେବା । ଏ ନେଇ ବଡ ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ୨୪ ଘଣ୍ଟିଆ ସେବା ଯୋଗାଇ ଦେବ ବିଭାଗ । ହ୍ୱାଟସ୍ ଆପ୍‌ରେ ଜମିଜମା ବାବଦରେ ସବୁ ଅଭିଯୋଗ ଓ ଆବେଦନ ଗ୍ରହଣ କରାଯିବ । ଦୁର୍ନୀତି ଅଭିଯୋଗ ଆସିଲେ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏହାସହ ସମୟ ସୀମା ମଧ୍ୟରେ ସମସ୍ୟାର ସମାଧାନ କରାଯିବ ।

| | |
|---|---|
| ସେନ୍‌ସେକ୍ସ | ୮୩,୮୧୭ |
| ନିଫ୍ଟି | ୨୫,୭୭୬ |
| ସୁନା/୧୦ଗ୍ରା | ୧,୬୧,୭୯୫ |
| ରୂପା/କିଗ୍ରା | ୩,୨୦,୦୦୦ |
| ଡଲାର | ୯୦.୪୬ |

### ପାଣିପାଗ

| | |
|---|---|
| **ସର୍ବାଧିକ** | |
| ଭୁବନେଶ୍ୱର: | ୨୯.୬° |
| କଟକ: | ୨୭.୮° |
| **ସର୍ବନିମ୍ନ** | |
| ଭୁବନେଶ୍ୱର: | ୧୫.୨° |
| କଟକ: | ୧୪.୨° |

### ହାଲ୍‌ଚାଲ୍



ଚାଲିପାରୁନାହିଁ ସଂସଦ କାର୍ଯ୍ୟକାଳ ତିନିଦିନ ଧରି ହଟ୍ଟଗୋଳ ଚାଲିଛି ଗୃହ ଭିତରେ ଓ ବାହାରେ ବିରୋଧୀ କମ୍ପନ କରୁଛି ହୋହାଲ୍ଲା ଯୋଗୁଁ ମୋଦୀଙ୍କ ଭାଷଣ ସ୍ଥଗିତ ରହିଛି ।

# ହଟ୍ଟଗୋଳ ଯୋଗୁଁ ମୋଦୀଙ୍କ ଭାଷଣ ସ୍ଥଗିତ

- ସଂସଦ ବାହାରେ ବିରୋଧୀଙ୍କ ହଙ୍ଗାମା
- ରବନୀତଙ୍କୁ 'ଗଦ୍ଦାର' କହି ଅଡୁଆରେ ରାହୁଲ



**ନୂଆଦିଲ୍ଲୀ, ୪।୨:** ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଲୋକସଭାରେ ଧନ୍ୟବାଦ ପ୍ରସ୍ତାବ ଉପରେ ଚର୍ଚ୍ଚା ପାଇଁ ବୁଧବାର ସଂଧ୍ୟା ୫ଟାରେ ପ୍ରଧାନମନ୍ତ୍ରୀ ଭାଷଣ ରଖିଥାନ୍ତେ । କିନ୍ତୁ ତାଙ୍କ ସମ୍ବୋଧନ ହୋଇପାରିଲା ନାହିଁ । ବିରୋଧୀ ସଦସ୍ୟଙ୍କ ହଙ୍ଗାମା କାରଣରୁ ବୁଧବାର ଲୋକସଭାର ଗୃହ କାର୍ଯ୍ୟ ତିନି ଥର ମୁଲତବୀ ହେବା ପରେ ସଂଧ୍ୟା ୫ଟା ଗୁରୁବାର ପର୍ଯ୍ୟନ୍ତ ଗୃହ କାର୍ଯ୍ୟକୁ ବନ୍ଦ କରାଯାଇଥିଲା । ବିରୋଧୀଙ୍କ ଯୁକ୍ତି ଥିଲା, ଯଦି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ କହିବାକୁ ଦିଆଯିବ ନାହିଁ ତେବେ ପିଏମ୍ ମୋଦୀଙ୍କୁ ମଧ୍ୟ ଭାଷଣ ଦେବାକୁ ଦିଆଯିବ ନାହିଁ । ଏହି ମାମଲାକୁ ନେଇ ଏବେ ଗୁରୁବାର ମଧ୍ୟ ଜୋରଦାର ହଙ୍ଗାମା ହୋଇପାରେ । ତେବେ, ଆସନ୍ତାକାଲି ଗୃହକୁ ସମ୍ବୋଧନ କରିବେ ନାହିଁ ତାହା ସ୍ପଷ୍ଟ ହୋଇପାରି ନାହିଁ ।

ଉଲ୍ଲେଖଯୋଗ୍ୟ ଯେ ଏହା ପୂର୍ବରୁ ତିନି ଥର ଗୃହ କାର୍ଯ୍ୟକୁ ସ୍ଥଗିତ କରାଯାଇଥିଲା । ସଂଧ୍ୟା ୫ଟାରେ ଯେତେବେଳେ ପୁଣି ଥରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା, ସେତେବେଳେ ବିରୋଧୀ ସଦସ୍ୟ ଗୃହର ୱେଲକୁ ଆସି ହଙ୍ଗାମା କରିଥିଲେ । ଏହାକୁ ଦେଖି ପୀଠାସୀନ ଅଧିକାରୀ ସଂଧ୍ୟା ରାୟ ଗୃହକୁ ପୂରା ଦିନ ପାଇଁ ମୁଲତବୀ କରିଥିଲେ ।

ଉଲ୍ଲେଖଯୋଗ୍ୟ ଯେ ଲୋକସଭାରେ ଗତ ତିନି ଦିନରୁ ଜୋରଦାର ହଙ୍ଗାମା ଜାରି ରହିଛି । ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ବେଳେ ଭାଷଣ ଦେଇ ରାହୁଲ ଗାନ୍ଧୀ ପୂର୍ବତନ ସେନା ମୁଖ୍ୟ ଏମଏମ୍ ନରଓ୍ୱଣେଙ୍କ ଅପ୍ରକାଶିତ ପୁସ୍ତକ କଥା ଉଲ୍ଲେଖ କରି ସରକାରଙ୍କୁ ଘେରିଥିଲେ ।

ଲଗାତାର ୩ ଦିନ ହେବ ଚାଲିପାରୁନାହିଁ ସଂସଦ ବଜେଟ୍ ଅଧିବେଶନ । ସଂସଦ ବାହାରେ ଭିତରେ ବିରୋଧୀଙ୍କ ହଙ୍ଗାମା ଜାରି ରହିଛି । ସଂସଦ ଭବନ ପରିସରରେ ପ୍ରଦର୍ଶନ ସମୟରେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କେନ୍ଦ୍ରମନ୍ତ୍ରୀ ରବନୀତ ସିଂ ବିଟ୍ଟୁଙ୍କୁ ତାଚ୍ଛଲ୍ୟ କରିଛନ୍ତି । ତାଙ୍କୁ ବିଶ୍ୱାସଘାତ ବୋଲି କହିଛନ୍ତି । ଏହାକୁ ନେଇ ରାହୁଲ ଏବଂ ରବନୀତଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଛି । ମାମଲାର ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଶୁଣିବାକୁ ମିଳୁଛି କି, ରବନୀନ ବିଟ୍ଟୁଙ୍କୁ ରାହୁଲ 'ଗଦ୍ଦାର' କହୁଛନ୍ତି । ବିଟ୍ଟୁ ତାଙ୍କୁ ଦେଶର ଶତ୍ରୁ ବୋଲି କହି କଡ଼ା ଜବାବ ଦେଇଛନ୍ତି ।

## ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଖେମଚାନ୍ଦ

**ମଣିପୁର, ୪।୨:** ମଣିପୁର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି ବିଜେପିର ୟୁମନାମ୍ ଖେମଚାନ୍ଦ ସିଂହ । ଆଜି ଅପରାହ୍ନରେ ମଣିପୁରରୁ ରାଷ୍ଟ୍ରପତି ଶାସନ ହଟିଥିଲା ।

### ମଣିପୁରରୁ ହଟିଲା ରାଷ୍ଟ୍ରପତି ଶାସନ



ମଣିପୁରର ନୂତନ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି ୟୁମନାମ୍ ଖେମଚାନ୍ଦ ସିଂହ । ମଣିପୁର ଲୋକଭବନରେ ରାଜ୍ୟପାଳ ଅଜୟ କୁମାର ଭଲ୍ଲା ତାଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ସେ ବିଜେପି ବିଧାୟକ, ବରିଷ୍ଠ ଦଳୀୟ ପଦାଧିକାରୀ ଏବଂ ରାଜ୍ୟର ଏନଡିଏର ଶୀର୍ଷ ନେତାଙ୍କ ଉପସ୍ଥିତିରେ ଶପଥ ଗ୍ରହଣ କରିଛନ୍ତି ।

ଅପରାହ୍ନରେ ଶ୍ରୀ ସିଂହଙ୍କ ନେତୃତ୍ୱରେ ଏନଡିଏ ପ୍ରତିନିଧି ଦଳ ଲୋକଭବନରେ ରାଜ୍ୟପାଳ ଅଜୟ କୁମାର ଭଲ୍ଲାଙ୍କୁ ଭେଟି ବହୁମତ ସହ ସରକାର ଗଠନ ପାଇଁ ଦାବି କରିଥିଲେ । ବିଜେପି ବିଧାୟକ ୟୁମନାମ ଖେମଚନ୍ଦ ସିଂହ ମଣିପୁରର ନୂଆ ମୁଖ୍ୟମନ୍ତ୍ରୀ ହୋଇଥିଲେ ।

## ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ତାଲିକା ମାଗିଲେ ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର, ୪।୨:** ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ତାଲିକା ମାଗିଲେ ମୁଖ୍ୟ ଶାସନ ସଚିବ । ସଚିବ ସ୍ତରୀୟ ବୈଠକରେ ଆଗାମୀ ମାସରେ ଉପସ୍ଥାପନା ପାଇଁ ନିର୍ଦ୍ଦେଶ ଦିଆଯାଇଛି । କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ କରୁନଥିବା ତଥା ଦୁର୍ନୀତିଗ୍ରସ୍ତ, ଅପାରଗ ଅଧିକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନିଆଯିବା ସମ୍ପର୍କରେ ଆଗାମୀ ମାସରେ ଉପସ୍ଥାପନା ପାଇଁ ତଥ୍ୟ ମାଗିଛନ୍ତି ମୁଖ୍ୟ ଶାସନ ସଚିବ । ମୁଖ୍ୟମନ୍ତ୍ରୀଙ୍କ ୧୫ କାର୍ଯ୍ୟସୂଚୀ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି ।

# ବଢ଼ିବ ମହାନଦୀ ଟ୍ରିବ୍ୟୁନାଲର କାର୍ଯ୍ୟକାଳ



**ଭୁବନେଶ୍ୱର, ୪।୨:** ଓଡ଼ିଶାର ଜୀବନରେଖାକୁ ଦେଖିଲେ ଏବେ ଦୁଃଖ ଲାଗୁଛି । ଏ ମରୁଭୂମି ନା ମହାନଦୀ । ନ୍ୟାୟିକ ଲଢେଇ ଭିତରେ ଛତିଶଗଡ ମହାନଦୀର ତଣ୍ଟି ଚିପି ଦେଇଛି । ଓଡ଼ିଶାର ଦାବି ଶୁଣୁନି ପଡିଶା ରାଜ୍ୟ । ଏସବୁ ଭିତରେ ଶେଷରେ କେନ୍ଦ୍ରକୁ ଭରସିଛି ଓଡ଼ିଶା । ନ୍ୟାୟ ମିଳିବ ବୋଲି ଆଶା ବଢ଼ିଛି ।

ସମୟ ଗଡିବା ସହିତ ଅନିଶ୍ଚିତତା ଆଡକୁ ଠେଲି ହୋଇଯାଉଛି ମହାନଦୀର ଭାଗ୍ୟ ଓ ଭବିଷ୍ୟତ । ମହାନଦୀ ମାଆକୁ କେବେ ନ୍ୟାୟ ମିଳିବ, ଏ ପ୍ରଶ୍ନର ଉତ୍ତର କାହା ପାଖରେ ନାହିଁ । ଟ୍ରିବ୍ୟୁନାଲ, ଆପୋଷ ଆଲୋଚନା, କମିଟି ପାଖରେ ଅଟକିଯାଇଛି ମହାନଦୀର ଝରେ । ବାରମ୍ବାର ନିରାଶ ହେବା ପରେ ଏବେ ପଡ଼ିଶା ନୁହେଁ କେନ୍ଦ୍ର ଭରସାରେ ଓଡ଼ିଶା । ଦୁଇପାଦ ଆଗକୁ ବଢ଼ି କେନ୍ଦ୍ରକୁ ମହାନଦୀ ବିବାଦରେ ମୁଣ୍ଡ ଖେଳାଇବାକୁ ଅନୁରୋଧ କରିଛନ୍ତି ରାଜ୍ୟ ସରକାର । କେନ୍ଦ୍ରକୁ ମଧ୍ୟସ୍ଥ ରଖି ଆପୋସ ଆଲୋଚନା ପାଇଁ କରିବାକୁ ଚାହୁଛି ଓଡ଼ିଶା ।

ଟ୍ରିବ୍ୟୁନାଲର ଅବଧି ଆସନ୍ତା ମାର୍ଚ୍ଚରେ ସରୁଛି । ତଥାପି ଆଇନଗତ ଲଢେଇରେ ପଛଘୁଞ୍ଚା ଦେବାକୁ ଚାହୁନି ଓଡ଼ିଶା । ଟ୍ରିବ୍ୟୁନାଲ ଅବଧିକୁ ୯ ମାସ ବୃଦ୍ଧି କରିବାକୁ କେନ୍ଦ୍ରକୁ ଅବଗତ କରିଛି ରାଜ୍ୟ । ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ମଧ୍ୟ ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି । ହେଲେ ପ୍ରଶ୍ନ ଉଠୁଛି, ଛତିଶଗଡ଼ରେ ଥିବା ବିଜେପି ସରକାରକୁ ସହଜରେ ଭରସିପାରୁନି କି ଓଡ଼ିଶା ? ମହାନଦୀ ପ୍ରସଙ୍ଗରେ ଓଡ଼ିଶାର ପ୍ରସ୍ତାବକୁ ଅଣଦେଖା କରୁଛି କି ଛତିଶଗଡ଼ ? ଅନ୍ୟପଟେ ବିରୋଧୀଙ୍କ ଯୁକ୍ତି, ମହାନଦୀକୁ ନ୍ୟାୟ ଦେବାରେ ଟ୍ରିପଲ ଇଞ୍ଜିନ ଫେଲ୍ ।

### କେନ୍ଦ୍ରକୁ ଚିଠି ଲେଖିଲେ ରାଜ୍ୟ ସରକାର

## ପାଇଖାନା ଟାଙ୍କି ସଫେଇ ଗାଡ଼ି ଧକ୍କାରେ ୨ମୃତ

**ଆନନ୍ଦପୁର, ୪।୨:** ପାଇଖାନା ଟାଙ୍କି ସଫେଇ ଗାଡ଼ି ଧକ୍କାରେ ୨ମୃତ । କାମଶାରି ଫେରିବା ସମୟରେ ପଛରୁ ଧକ୍କା ଦେଲା ପାଇଖାନା ଟାଙ୍କି ସଫେଇ ଗାଡ଼ି । ସୂଚନା ଅନୁସାରେ ଘଷିପୁରା ଥାନା ଅନ୍ତର୍ଗତ ମର୍ଶାପାଳ ଗ୍ରାମର ନାରଣ ଟୁଡୁ, ଭାଗି କିସ୍କୁ ଓ ଅଜୟ ଟୁଡୁ କାମସାରି ନିଜ ଘରକୁ ଫେରୁଥିବାବେଳେ ବିଏସଏନ୍ଏଲ୍ ଟେଲିଫୋନ ଛକ ନିକଟରେ ଏକ ପାଇଖାନା ଟାଙ୍କି ସଫେଇ ଗାଡ଼ି ସେମାନଙ୍କୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ସେମାନେ ରାସ୍ତାରେ ଛିଟିକି ହୋଇ ପଡ଼ିଥିଲେ । ଘଟଣା ସ୍ଥଳରେ ନାରଣଙ୍କର ମୃତ୍ୟୁ ଘଟିଥିବା ବେଳେ ଗୁରୁତର ଅବସ୍ଥାରେ ଭାଗି ଓ ଅଜୟଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ।

## ଶିଶୁ ବାଟିକାରେ ୧୫ ସୁଦ୍ଧା ମାଗଣା ପୋଷାକ



**ଭୁବନେଶ୍ୱର, ୪।୨:** ରାଜ୍ୟରେ ଥିବା ସମସ୍ତ ଶିଶୁ ବାଟିକାରେ ଆସନ୍ତା ୧୫ ତାରିଖ ସୁଦ୍ଧା ମାଗଣା ପୋଷାକ ବଣ୍ଟନ କରାଯିବ । ରାଜ୍ୟରେ ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଶିଶୁ ବାଟିକା ଛାତ୍ରଛାତ୍ରୀଙ୍କୁ ମାଗଣା ପୋଷାକ ପ୍ରଦାନ କରାଯିବ । ଓଡ଼ିଶାରେ ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ପକ୍ଷରୁ ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ଏନେଇ ଅବଗତ କରାଯାଇଛି । ପ୍ରତି ବିଦ୍ୟାର୍ଥୀଙ୍କ ପୋଷାକ ପାଇଁ ଏକ ହଜାର ଟଙ୍କା ପ୍ରଦାନ କରାଯାଇଛି । ପ୍ରଥମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଯେଉଁ ନିୟମ କାର୍ଯ୍ୟକାରୀ ହୋଇଥିଲା ତାହା ଶିଶୁ ବାଟିକା ପିଲାଙ୍କ କ୍ଷେତ୍ରରେ ମଧ୍ୟ ଲାଗୁ କରାଯିବା ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଯେଉଁ ଆର୍ଥିକ ବ୍ୟବସ୍ଥାରେ ପୋଷାକ କ୍ରୟ ହେଉଥିଲା ଅନୁରୂପ ଭାବେ ଶିଶୁ ବାଟିକାରେ ମଧ୍ୟ ସମାନ ନିୟମ କାର୍ଯ୍ୟକାରୀ ହେବ । ଜିଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ଜିଲାସ୍ତରୀୟ କମିଟି ଏହି କାର୍ଯ୍ୟର ତଦାରଖ କରିବ । କୌଣସି ନୂଆ ଟେଣ୍ଡର ହେବ ନାହିଁ । ପ୍ରଥମ ଶ୍ରେଣୀ ପିଲାଙ୍କ ପୋଷାକର ରଙ୍ଗ,ମାନ ,ଲୋଗୋ ଯାହା ଥିଲା ଶିଶୁ ବାଟିକାରେ ଛାତ୍ରଛାତ୍ରୀଙ୍କ ମଧ୍ୟ ସମାନ ରହିବ । ଆସନ୍ତା ୧୫ ତାରିଖ ସୁଦ୍ଧା ୟୁନିଫର୍ମ ବଣ୍ଟନ ପ୍ରକ୍ରିୟା ଶେଷ କରିବାକୁ ଓସେପା ପକ୍ଷରୁ ଡିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ସୂର୍ଯ୍ୟରେ ହଲଚଲ, ହାଇ ଆଲର୍ଟରେ ବିଶ୍ୱର ମହାକାଶ ସଂସ୍ଥା

**ନୂଆଦିଲ୍ଲୀ ୪।୨:** ବୈଜ୍ଞାନିକମାନେ ସୂର୍ଯ୍ୟରେ ଏକ ଅଜବ ହଲଚଲ ଦେଖିଛନ୍ତି । ଏଣୁ ସାରା ବିଶ୍ୱର ମହାକାଶ ସଂସ୍ଥାମାନେ ଏବେ ସତର୍କ ହୋଇଯାଇଛନ୍ତି । ଭାରତ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) ସମେତ ଅନ୍ୟ ଏଜେନ୍ସୀମାନେ ସମ୍ଭାବିତ ରେଡିଓ ବ୍ଲାକ୍ ଆଉଟ୍ ଉପରେ ନଜର ରଖିଛନ୍ତି । ସୋଲାର ଫ୍ଲେୟାର ଯୋଗୁ ଉପଗ୍ରହ ସଞ୍ଚାର, ନେଭିଗେସନ ଓ ବିଦ୍ୟୁତ ଗ୍ରିଡ ଉପରେ ପ୍ରଭାବ ପଡିପାରେ । ଏଣୁ ଇସ୍ରୋ ଅଧିକାରୀମାନେ ଭାରତର ୫୦ରୁ ଅଧିକ ସକ୍ରିୟ ଭାରତୀୟ ଉପଗ୍ରହଙ୍କ ଉପରେ ଲଗାତାର ନଜର ରଖି ରହିଛନ୍ତି ।

# ଲିଙ୍ଗରାଜ ମହାପ୍ରଭୁଙ୍କ ରୀତିନୀତି ନେଇ ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା

- ଶିବରାତ୍ରୀରେ ମହାପ୍ରଭୁଙ୍କ ରୀତିନୀତି ନେଇ ଆଲୋଚନା
- ଦକ୍ଷ ଅଧିକାରୀଙ୍କୁ ଦିଆଯିବ ଅତିରିକ୍ତ ଦାୟିତ୍ୱ




**ଭୁବନେଶ୍ୱର, ୪।୨:** ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲିଙ୍ଗରାଜ ମହାପ୍ରଭୁଙ୍କ ଶୃଙ୍ଖଳିତ ରୀତିନୀତି ଓ ପୂଜାବିଧି ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୁଧବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଲିଙ୍ଗରାଜ ମନ୍ଦିରର ଶୃଙ୍ଖଳିତ ରୀତିନୀତି ଏବଂ ପୂଜାବିଧି ସୁଚାରୁ ରୂପେ ସମ୍ପାଦନ କରିବା ନେଇ ଆଲୋଚନା ହୋଇଥିଲା । ଏଥି ସହିତ ଚଳିତ ଜାଗର ଉତ୍ସବକୁ ଶୃଙ୍ଖଳିତ କରିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ ।

ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ କହିଲେ ଯେ ଲିଙ୍ଗରାଜ ମହାପ୍ରଭୁ ସାରା ଓଡ଼ିଶାର ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଆରାଧ୍ୟ ଦେବତା । ତେଣୁ ରୀତିନୀତିରେ କୌଣସି ପ୍ରକାର ଅବହେଳା ଗ୍ରହଣୀୟ ନୁହେଁ । ଚଳିତ ଫେବୃଆରୀ ୧୫ ତାରିଖରେ ଜାଗର ଉତ୍ସବ ଅନୁଷ୍ଠିତ ହେଉଛି । ଏହି ଉତ୍ସବରେ ଅନେକ ଭିଡ଼ ହେବାର ସମ୍ଭାବନା ରହିଛି । ଜାଗର ଦିନ ଲିଙ୍ଗରାଜଙ୍କ ଦର୍ଶନ ନେଇ ସବୁ ଭକ୍ତଙ୍କ ମନରେ ଆଗ୍ରହ ରହୁଥିବାରୁ ଭିଡ଼କୁ ଆୟତ କରିବା ଏବଂ ସମସ୍ତଙ୍କ ପାଇଁ ଶୃଙ୍ଖଳିତ ଦର୍ଶନର ବ୍ୟବସ୍ଥା କରିବା ଏକ ବଡ ଆହ୍ୱାନ । ଏହି ଆହ୍ୱାନର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ, ପୋଲିସ ପ୍ରଶାସନ, ଅଗ୍ନିଶମ ବାହିନୀ, ଲିଙ୍ଗରାଜ ମନ୍ଦିରର ସେବକ ଓ ନିଯୋଗସମୂହ ଏବଂ ଜନସାଧାରଣଙ୍କ ମିଳିତ ସହଯୋଗର ଆବଶ୍ୟକତା ରହିଛି । ଏଥିରେ ସାମାନ୍ୟତମ ବ୍ୟତିକ୍ରମ ଅଘଟଣକୁ ଆମନ୍ତ୍ରଣ କରିପାରେ । ତେଣୁ ଚଳିତ ଜାଗରକୁ ସୁଚାରୁ ରୂପେ ପରିଚାଳନା କରିବା ଏବଂ ସବୁ ଭକ୍ତଙ୍କ ଭାବାବେଗକୁ ସମ୍ମାନ ଦେଇ ଶୃଙ୍ଖଳିତ ଦର୍ଶନ ନିମନ୍ତେ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

ଏହି ବୈଠକରେ ସେବାୟତ ଓ ନିଯୋଗସମୂହ ସହ ସମନ୍ୱୟ ରଖି ସଠିକ୍ ସମୟରେ ନୀତିକାନ୍ତି ସମାପନ, ପୂଜାବିଧି ପାଳନ, ଭକ୍ତ ଓ ଶ୍ରଦ୍ଧାଳୁଙ୍କର ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଆଦି ସୁନିଶ୍ଚିତ କରିବା ସହ ମନ୍ଦିର ଭିତରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ପର୍ଯ୍ୟାପ୍ତ ବାୟୁ ଚଳାଚଳ, ଅକ୍ସିଜେନ୍‌ର ବ୍ୟବସ୍ଥା ଅଗ୍ନି ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିବା ନେଇ ଆଲୋଚନା ହୋଇଥିଲା ।

## ଜୈଶର ୨ ଆତଙ୍କବାଦୀ ନିହତ

**ଉଧମପୁର, ୪।୨:** ଉଧମପୁର ଜିଲ୍ଲାର ବସନ୍ତଗଡ଼ ଅଞ୍ଚଳରେ ମିଳିତ ସୁରକ୍ଷା ବଳ ସହ ଚାଲିଥିବା ମୁହାଁମୁହିଁରେ ଦୁଇ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି । ଏହି ମୁହାଁମୁହିଁ ମଙ୍ଗଳବାର ଆରମ୍ଭ ହୋଇଥିଲା, ଯେତେବେଳେ ସୁରକ୍ଷା ବଳ ଅଞ୍ଚଳରେ ଆତଙ୍କବାଦୀମାନଙ୍କ ଉପସ୍ଥିତି ସମ୍ପର୍କରେ ମିଳିଥିବା ବିଶେଷ ଗୁପ୍ତସୂଚନା ଆଧାରରେ ଘେରାଉ ଓ ତଲାସୀ ଅଭିଯାନ ଆରମ୍ଭ କରିଥିଲେ ।

ଆତଙ୍କବାଦୀମାନଙ୍କ ସହ ସଂପର୍କ ସ୍ଥାପିତ ହେବା ସହସହି ଅତିରିକ୍ତ ବଳକୁ ମୁହାଁମୁହିଁ ସ୍ଥଳକୁ ପଠାଯାଇଥିଲା । ଅଧିକାରୀମାନେ କହିଛନ୍ତି ଯେ ଆତଙ୍କବାଦୀମାନେ ଏକ ଗୁମ୍ଫା ଭିତରେ ଲୁଚିଥିଲେ, ସେଠାରେ ତାଙ୍କୁ ମରାଯାଇଛି । ଏହା ପରେ ମଧ୍ୟ ତଲାଶି ଅଭିଯାନ ଜାରି ରହିଛି ।

ଏହିମଧ୍ୟରେ ହ୍ୱାଇଟ ନାଇଟ କର୍ପ୍ସ କହିଛି ଯେ ଜମ୍ମୁ-କଶ୍ମୀର ପୋଲିସ୍‌ରୁ ମିଳିଥିବା ବିଶେଷ ଗୁପ୍ତସୂଚନା ଆଧାରରେ ସିଆଇଏଫ୍ ଡେଲ୍ଟା ଏବଂ ହ୍ୱାଇଟ ନାଇଟ କର୍ପ୍ସର ସୈନ୍ୟମାନେ, ଜେକେପି ଓ ସିଆରପିଏଫ୍‌ର ସମନ୍ୱୟରେ ବସନ୍ତଗଡ଼ର ଜୋଫର ଜଙ୍ଗଲ ଅଞ୍ଚଳରେ ଏକ କେନ୍ଦ୍ରିତ ଆତଙ୍କବାଦ ବିରୋଧୀ ଅଭିଯାନ ଆରମ୍ଭ କରିଥିଲେ । କୌଣସି ଆତଙ୍କବାଦୀ ପଳାଇ ପାରିବାକୁ ନ ପାରନ୍ତି ବୋଲି ଘେରାଉକୁ ଆଉ ଶକ୍ତ କରାଯାଇଥିଲା । ମଙ୍ଗଳବାର ଆତଙ୍କବାଦୀମାନଙ୍କ ସହ ସଂପର୍କ ସ୍ଥାପିତ ହୋଇଥିଲା ଏବଂ ସେମାନେ ଲଗାତାର ଭାବେ ତାଙ୍କୁ ଘେରାବନ୍ଦୀ କରି ରଖିଥିଲେ ।

### ଉଦମପୁରରେ ସୁରକ୍ଷାବଳ ସହିତ ଗୁଳିକାଣ୍ଡ

CMYK

## ହାଲୋ ବଲିଉଡ୍



### 'ଅଲ୍ ଗ୍ରେ ଲୁକ୍'ରେ ନଜର ଆସିଲେ ଅନୀଲ

ଏଭରଗ୍ରୀନ୍ ଅଭିନେତାଅନିଲ କପୁର। ତାଙ୍କ ଫିଟନେସ ପାଇଁ ସେ ଇଣ୍ଡଷ୍ଟ୍ରିର ସବୁଠାରୁ ଚର୍ଚ୍ଚିତ ଅଭିନେତାମାନଙ୍କ ମଧ୍ୟରୁ ଜଣେ ବୋଲି ଧରାଯାଏ। କିନ୍ତୁ ତାଙ୍କର ସାଗ୍ ଏବଂ ଡ୍ୟାସିଂ ଷ୍ଟାଇଲ୍ର ଏବେ ବି ଦବଦବା ରହିଛି। ୬୯ ବର୍ଷ ବୟସରେ ମଧ୍, ତାଙ୍କ ଫିଟନେସ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରେ। ଏ ବୟସରେ ମଧ୍, ଲାଗେ ଯେପରି ତାଙ୍କ ବୟସ ବଢ଼ିବା ପରିବର୍ତ୍ତେ କମୁଛି। ସେ ତାଙ୍କର ଦମଦାର ବ୍ୟକ୍ତିତ୍ୱ ପାଇଁ ସବୁବେଳେ ଖବରରେ ଥାଆନ୍ତି।ବର୍ତ୍ତମାନ ଅନିଲଙ୍କ ନୂଆ ଲୁକ୍ ସାମ୍ନାକୁ ଆସିଛି। ଯାହା ପ୍ରଶଂସକମାନଙ୍କୁ ଖୁବ୍ ଆଟ୍ରାକ୍ଟ କରୁଛି । ଏହି ନୂଆ ଲୁକକୁ ନେଇ ଖୁବ୍ ପ୍ରଶଂସା କରୁଛନ୍ତି। ନିକଟରେ ଅନିଲ ଏକ ଫଟୋ ସେୟାର କରିଛନ୍ତି । କେବଳ ପ୍ରଶଂସକମାନେ ନୁହେଁ, ଅନେକ ସେଲିବ୍ରିଟି ମଧ ଅନିଲଙ୍କ ବର୍ତ୍ତମାନର ପୋଷ୍ଟକୁ ପସନ୍ଦ କରିବା ସହ ଲୁକକୁ ନେଇ ବେଶ ପ୍ରଶଂସା କରୁଛନ୍ତି। ସେ ପୁଣି ଥରେ ପ୍ରମାଣ କରିଦେଇଛନ୍ତି ଯେ ବୟସ କେବଳ ଏକ ସଂଖ୍ୟା। ଧଳା ଚୁଟି ଏବଂ ମ୍ୟାଚିଂ ନିଶ ସହିତ ତାଙ୍କର ଷ୍ଟାଇଲିସ୍ ଲୁକ୍ ଖୁବ୍ ଜବରଦସ୍ତ ଲାଗୁଛି। ପୋଷ୍ଟ ସହିତ ଥିବା କ୍ୟାପସନରେ ଅନିଲ ଲେଖିଛନ୍ତି, 'ଦିନକୁ ଜଣା ନାହିଁ ଆଗକୁ କ'ଣ ଆସିବାର ଅଛି।'ରିତେଶ ମଧ ତାଙ୍କର ନୂଆ ଗେଟ୍ଅପ୍କୁ ପସନ୍ଦ କରିଛନ୍ତି। ଅନିଲ କପୁର ତାଙ୍କର ନୂଆ ଲୁକ୍ ସହିତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତାଙ୍କର ଅଲ୍-ଲୁକ୍ ହୃଦୟ ଜିତିଛି।

**ଅନଲାଇନ୍ ଗେମ୍ ନିଶା ହେଲା କାଳ**

# ଆପାର୍ଟମେଣ୍ଟରୁ ଡେଇଁ ୩ ଭଉଣୀଙ୍କ ଆତ୍ମହତ୍ୟା

**ନୂଆଦିଲ୍ଲୀ:** ସମସ୍ତେ ଆଶ୍ଚର୍ଯ୍ୟ । ପରିବାର ସ୍ତବ୍ଧ । ଟ୍ରିପଲ୍ ସୁଇସାଇଡ୍କୁ ନେଇ ଚହଳ ପଡିଯାଇଛି । ଅନଲାଇନ୍ ଗେମ୍ ନେଇଛି ୩ ଜୀବନ । ଆପାର୍ଟମେଣ୍ଟର ନବମ

■ ଗାଜିଆବାଦରେ ଅଭାବନୀୟ ଘଟଣା

■ ବାପା-ମା'ଙ୍କ ଆକଟରୁ ଚରମ ନିଷ୍ପତ୍ତି

ମହଲାରୁ ଡେଇଁ ୩ ଭଉଣୀ ଜୀବନ ହାରିଛନ୍ତି । ସମସ୍ତଙ୍କ ବୟସ ୧୨, ୧୪ ଏବଂ ୧୬ ବର୍ଷ । କୋରିଆନ୍ ଲଭ୍ ଗେମ୍ ନାମକ ଅନଲାଇନ୍ ଟାସ୍କରେ ମାତିଥିଲେ ୩ ଭଉଣୀ । ଅନଲାଇନ୍ ଗେମ୍ ପାଇଁ ସବୁଦିନ ସ୍କୁଲ ମଧ ଯାଉ ନଥିଲେ । ଅନଲାଇନ୍ ଗେମ୍ରୁ ନିବୃତ୍ତ ରହିବାରୁ ବାପା ମା' ଆକଟ କରିବାରୁ ଏପରି ଚରମ ନିଷ୍ପତ୍ତି ନେଇଛନ୍ତି ୩ ନାବାଳିକା ଭଉଣୀ । ଉତ୍ତରପ୍ରଦେଶ



ଗାଜିଆବାଦରେ ଘଟିଥିବା ଏହି ଘଟଣା ଚାଞ୍ଚଲ୍ୟ ଖେଳାଇ ଦେଇଛି ।

'ସରି ବାପା-ମା' ଗେମ୍ ଛାଡ଼ିପାରୁନୁ'- ଗାଜିଆବାଦର ତିଲାମୋଡ ଥାନା ଅଞ୍ଚଳରେ ଏକ ହୃଦୟବିଦାରକ ଘଟଣା ଘଟିଛି । ଯେଉଁଠାରେ ଗୋଟିଏ ପରିବାରର ତିନି ଜଣ ନାବାଳିକା ଭଉଣୀ ଆପାର୍ଟମେଣ୍ଟରୁ ଡେଇଁ ଜୀବନ ହାରିଛନ୍ତି । ତିନି ଝିଅଙ୍କ ମୃତ୍ୟୁ ପରିବାରକୁ ଦୁଃଖରେ ବୁଡାଇ ଦେଇଛି । ତିନି ଭଉଣୀ ଗତ କିଛି ମାସ ଧରି ଅନଲାଇନ୍ ଗେମ୍ ଖେଳିବା ନିଶାରେ ଥିଲେ । କୋଭିଡ୍-୧୯ ମହାମାରୀ ପରଠାରୁ ନିୟମିତ ସ୍କୁଲକୁ ଯାଉନଥିଲେ । ଅନଲାଇନ୍ ଟ୍ରେଡିଂରେ କାମ କରୁଥିବା ଏବଂ ତିନି ବର୍ଷ ଧରି ଭାରତ ସିଟି ସୋସାଇଟିରେ ଭଡ଼ାରେ ରହୁଥିବା ଚେତନ କୁମାରଙ୍କର ୧୬, ୧୪ ଏବଂ ୧୨ ବର୍ଷ ବୟସର ତିନୋଟି ଝିଅ ଥିଲେ । ସେ ଅନଲାଇନ୍ ଗେମ୍ ନିଶାରେ ପଡିଥିଲେ । ଏଥିରୁ ନିବୃତ୍ତ ରହିବାକୁ ବାପା ମାଆ ବାରମ୍ବାର ଆକଟ କରୁଥିଲେ । ହେଲେ ଗେମ୍ ଛାଡି ପାରିଲେ ନାହିଁ ୩ ଭଉଣୀ । ଶେଷରେ ଦୁନିଆ ଛାଡିବାକୁ ନିଷ୍ପତ୍ତି ନେଲେ । ସୁଇସାଇଡ୍ ନୋଟ୍ରେ ସରି ବାପାମାଆ ଗେମ୍ ଛାଡ଼ି ପାରିଲୁ ନାହିଁ ବୋଲି ଲେଖିଛନ୍ତି ।

ରିପୋର୍ଟ ଅନୁଯାୟୀ, ଚେତନ କୁମାରଙ୍କ ତିନି ଝିଅ ଏକାଠି ଆତ୍ମହତ୍ୟା କରିଛନ୍ତି । ଘଟଣାଟି ମଙ୍ଗଳବାର ରାତି ପ୍ରାୟ ୨ଟା ସମୟରେ ଘଟିଥିଲା । ଚେତନ କୁମାର ତାଙ୍କ ସ୍ତ୍ରୀଙ୍କ ସହ ଅନ୍ୟ ଏକ କୋଠରୀରେ ଶୋଇଥିଲେ । ତିନି ଭଉଣୀ ସେମାନଙ୍କ କୋଠରୀର ଝରକା ଉପରୁ ଡେଇଁ ପଡ଼ିଥିଲେ । ସେମାନେ ଗତ କିଛି ମାସ ଧରି ଅନଲାଇନ୍ ଟାସ୍କ-ଭିତ୍ତିକ ଖେଳ 'କୋରିଆନ୍ ଲଭର୍' ଖେଳୁଥିଲେ । କୋଭିଡ୍-୧୯ ମହାମାରୀ ପରେ ତିନିଜଣ ସ୍କୁଲ ମଧ ଛାଡି ଦେଇଥିଲେ।

# ଅଜିତଙ୍କ ମୃତ୍ୟୁ ଅପରେସନ୍ ଲୋଟସ୍‌ର ଅଂଶ

## ସଞ୍ଜୟଙ୍କ ମନ୍ତବ୍ୟ ନେଇ ମହାରାଷ୍ଟ୍ରରେ ରାଜନୈତିକ ଝଡ଼



*ଞ୍ଜୟ ଦାବି କରିଛନ୍ତି, ଦେଶର ବର୍ତ୍ତମାନ ପରିସ୍ଥିତି ଏପରି ଯେ ଯିଏ ବିଜେପି ବିରୋଧରେ ଛିଡ଼ା ହେବ ସେ ଜେଲ୍ ଯିବେ ନଚେତ୍ ଜୀବନ ହରାଇବେ।*

**ମୁମ୍ବାଇ:** ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ବିମାନ ଦୁର୍ଘଟଣା ମାମଲା ରହସ୍ୟମୟ ହେବାରେ ଲାଗିଛି। ଅନେକ ନେତା ଦୁର୍ଘଟଣା ଉପରେ ପ୍ରଶ୍ନ ଉଠାଉଛନ୍ତି। ଶିବସେନା (ୟୁବିଟି) ସାଂସଦ ସଞ୍ଜୟ ରାଉତ ବିଜେପି ବିରୋଧରେ ଚାଞ୍ଚଲ୍ୟକର ଅଭିଯୋଗ ଆଣି ଦୁର୍ଘଟଣାକୁ ଅପରେସନ ଲୋଟସର ଏକ ଅଂଶ ବୋଲି କହିଛନ୍ତି। ଏହା ରାଜ୍ୟ ରାଜନୀତିକୁ ଉଷ୍ମ କରିଛି। ସଞ୍ଜୟ ଦାବି କରିଛନ୍ତି, ଦେଶର ବର୍ତ୍ତମାନ ପରିସ୍ଥିତି ଏପରି ଯେ ଯିଏ ବିଜେପି ବିରୋଧରେ ଛିଡ଼ା ହେବ ସେ ଜେଲ୍ ଯିବେ ନଚେତ୍ ଜୀବନ ହରାଇବେ। ଅଜିତଙ୍କ ବିମାନ ଦୁର୍ଘଟଣାର ସତ୍ୟତା ଜନସାଧାରଣଙ୍କ ସମ୍ମୁଖରେ ପ୍ରକାଶ କରାଯିବା ଉଚିତ। ଏହାର ନିରପେକ୍ଷ ତଦନ୍ତ କରାଯିବା ଜରୁରୀ ବୋଲି ସେ କହିଛନ୍ତି।

ଯଦି ଅଜିତ ବିଜେପି ଛାଡି ଶରଦ ପାୱାରଙ୍କ ପାଖକୁ ଫେରିଥାନ୍ତେ, ତେବେ ଏହା ବିଜେପିର ଅପରେସନ ଲୋଟସ୍ ପାଇଁ ଏକ ବଡ଼ ଧକ୍କା ହୋଇଥାନ୍ତା। କ୍ଷମତା ପାଇଁ ବିଜେପି କେତେବେଳେ କ''ଣ ଯେ କରିବ ତାହା ଉପରେ ଆଉ କୌଣସି ଭରସା ନାହିଁ। ସଞ୍ଜୟଏନସିପି (ଏପି) ସାଂସଦ ପ୍ରଫୁଲ୍ଲ ପଟେଲଙ୍କୁ ଟାର୍ଗେଟ କରି କହିଛନ୍ତି, ପଟେଲ ଦଳର ଶୀଘ୍ର ସଭାପତି ହେବା ପାଇଁ ଚାହୁଁଛନ୍ତି।

ବିଜେପି ମିଡିଆ ସେଲ୍ ରାଜ୍ୟ ମୁଖ୍ୟ ନବନାଥ ବାନ୍ ଏ ସମ୍ପର୍କରେ ଠୋସ୍ ପ୍ରମାଣ ଉପସ୍ଥାପନ କରିବାକୁ ସଞ୍ଜୟ ରାଉତଙ୍କୁ ଖୋଲାଖୋଲି ଚ୍ୟାଲେଞ୍ଜ୍ କରିଛନ୍ତି । ବାନ୍ କହିଛନ୍ତି, ସଞ୍ଜୟ ସାଂସଦ ଭାବରେ କାର୍ଯ୍ୟ କରିବା ସମୟରେ ମିଥ୍ୟା ଅଭିଯୋଗ କରିବାରେ ଅଭ୍ୟସ୍ତ ହୋଇଯାଇଛନ୍ତି। ସେ ନିଜର ପଦବୀ ଓ ରାଜନୀତି ଛାଡି ନିଜ ବ୍ୟବସାୟକୁ ଚାଲୁ ରଖିବା ପାଇଁ ଓଟିଟି ପ୍ଲାଟଫର୍ମ ପାଇଁ ନିର୍ଦ୍ଦେଶନା ତଥା ସ୍କ୍ରିପ୍ଟ ଲେଖିବା ଉଚିତ। ଅଜିତ ଦାଦା କେବେ ଏନ୍‌ସିପିକୁ ଫେରିବାକୁ ପ୍ରସ୍ତୁତ ନଥିଲେ। ସେ ଅନ୍ୟମାନଙ୍କୁ ଏନ୍‌ଡିଏ ମେଣ୍ଟକୁ ଆଣିବାକୁ ଚେଷ୍ଟା କରୁଥିଲେ।

## ବସ୍ ଦୁର୍ଘଟଣା, ଯାତ୍ରୀ ସୁରକ୍ଷିତ

**ମାଲକାନଗିରି:** ମୋଟୁରୁ ମାଲକାନଗିରି ଅଭିମୁଖେ ସକାଳ ପ୍ରାୟ ୬ଟା ସମୟରେ ଓଡି ୩୦ଏଫ ୫୧୧୯ ନମ୍ବର ବାଙ୍କେଶ୍ୱରୀ ଯାତ୍ରା କରୁଥିବା ବେଳେ ପୁସୁଗୁଡା ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ସୌଭାଗ୍ୟବଶତଃ ଏଥିରେ କୌଣସି ଯାତ୍ରୀ ଆହତ ହୋଇ ନାହାଁନ୍ତି। ତଥାପି, ବସ୍ ର ଆଗ ୱିଣ୍ଡସିଲ୍ଡ ଏବଂ ତଳ ଅଂଶ ବହୁତ କ୍ଷତିଗ୍ରସ୍ତ ହୋଇଛି। ବସ୍ ମାଲିକଙ୍କ କହିବା ଅନୁଯାୟୀ, ସାଇ କୃଷ୍ଣ ନାମକ ଅନ୍ୟ ଏକ ବସ୍ ବିପରୀତ ଦିଗରୁ ଆସୁଥିବା ବେଳେ ହଠାତ୍ ଏକ ଗାଇ ରାସ୍ତାକୁ ଚାଲିଗଲା। ମୁହାଁମୁହିଁ ଧକ୍କାକୁ ଏଡାଇବା ପାଇଁ, ଡ୍ରାଇଭର ମୋଡ଼ ନେଇ ଭାରସାମ୍ୟ ହରାଇବାରୁ ବସ୍ ଟି ରାସ୍ତାରୁ ଓଲଟି ପଡ଼ି ଏକ ଗଛରେ ପିଟି ହୋଇଗଲା। ଏକ ବଡ଼ ଦୁର୍ଘଟଣାକୁ ଏଡ଼ାଇବାକୁ ଯାଇ ଡ୍ରାଇଭରଙ୍କ ଶୀଘ୍ର ଚିନ୍ତାଧାରାକୁ ମାଲିକ ଶ୍ରେୟ ଦେଇଛନ୍ତି। ଯାତ୍ରୀମାନଙ୍କୁ ଅନ୍ୟ ଏକ ବସ୍ ରେ ସ୍ଥାନାନ୍ତରିତ କରାଯାଇଥିଲା ଏବଂ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ପଠାଯାଇଥିଲା। ପରେ, ମାଲିକ କ୍ଷତିଗ୍ରସ୍ତ ବସ୍‌କୁ ଦୁର୍ଘଟଣାସ୍ଥଳରୁ ହଟାଇ ଦେଇଥିଲେ।

# କୋଲକତାରେ ପୁଣି ଭୂକମ୍ପ; ଢାକା ବି ଥରିଲା

**ନୂଆଦିଲ୍ଲୀ:** ଭୂକମ୍ପରେ ଥରିଲା କୋଲକତା। ରିକ୍ଟର ସ୍କେଲରେ ତୀବ୍ରତା ୫.୯ ରେକର୍ଡ । ଏହି ଝଟକା ୧୦-୧୫ ସେକେଣ୍ଡ ଅନୁଭୂତ ହୋଇଛି । ଗତକାଲି ରାତିରେ କୋଲକାତା ସମେତ ପୂର୍ବ ଭାରତର କିଛି ସହରରେ ଭୂକମ୍ପ ଅନୁଭୂତ ହୋଇଥିଲା। କିଛି ସେକେଣ୍ଡ ପାଇଁ ଦୋହଲି ଯାଇଥିଲା କୋଲକାତା ସହର। ହଠାତ୍ ଲୋକମାନେ କିଛି ବୁଝି ପାରି ନଥିଲେ। କିନ୍ତୁ ପରେ ଭୟରେ ଘରୁ ବାହାରକୁ ଚାଲି ଆସିଥିଲେ। କିନ୍ତୁ କ୍ଷୟକ୍ଷତି ନେଇ କୌଣସି ସୂଚନା ମିଳିନାହିଁ।

**ରିକ୍ଟର ସ୍କେଲରେ ତୀବ୍ରତା ୫.୯**



ରଗଝଉ ଅନୁଯାୟୀ, ଭୂକମ୍ପଟି ମିଆଁମାରର ଆକ୍ୟାବରୁ ୭୦ କିଲୋମିଟର ପୂର୍ବରେ ଅନୁଭୂତ ହୋଇଥିଲା। କୋଲକାତା ଏବଂ ବାଂଲାଦେଶ ସମେତ ପଶ୍ଚିମବଙ୍ଗର ଅନେକ ଅଞ୍ଚଳରେ ଭୂମିକମ୍ପ ଅନୁଭୂତ ହୋଇଥିଲା। ଗତ ୭୧ ଘଣ୍ଟା ମଧ୍ୟରେ ଏହା ମିଆଁମାରରେ ତୃତୀୟ ଭୂକମ୍ପ ଥିଲା । ଭୂମିକମ୍ପର କେନ୍ଦ୍ରସ୍ଥଳ ମିଆଁମାରରେ ଅବସ୍ଥିତ ଥିଲା। ଏହାର ତୀବ୍ରତା ୫.୯ ମାପ କରାଯାଇଥିଲା। ପ୍ରଭାବିତ ଦେଶଗୁଡ଼ିକ ଥିଲେ ବାଂଲାଦେଶ, ଭାରତ ଏବଂ ମିଆଁମାର। ଭୂମିକମ୍ପର କେନ୍ଦ୍ରସ୍ଥଳ ମିଆଁମାରରୁ ୩୦ କିଲୋମିଟର ଦୂରରେ ଥିଲା।

୨୦୨୬ରେ ଭାରତର ଅନେକ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଭୂକମ୍ପ ହେବାର ଆଶଙ୍କା ରହିଛି । ସୋମବାର ଜମ୍ମୁ ଏବଂ କାଶ୍ମୀରରେ ୪.୮ ତୀବ୍ରତାର ଭୂମିକମ୍ପ ମାପ କରାଯାଇଥିଲା। ୨ ଫେବୃଆରୀ, ୨୦୨୬ରେ ଘଟିଥିବା ଏହି ଭୂମିକମ୍ପ ସକାଳ ୫.୩୫ରେ ରେକର୍ଡ କରାଯାଇଥିଲା। ଏହାର କେନ୍ଦ୍ରସ୍ଥଳ ବଡଗାମରେ ଭୂମିରୁ ୧୦ କିଲୋମିଟର ତଳେ ଥିଲା।

## ପ୍ଲାଷ୍ଟିକ ମୁକ୍ତ ଭାରତ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ଭୁବନ:** ଭୁବନ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ପ୍ଲାଷ୍ଟିକ ମୁକ୍ତ ଭାରତ ଓ କ୍ୟାମ୍ପସରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଅଧକ୍ଷା ଶ୍ରୀମତୀ ସୁପ୍ତିମୟୀ ସେନ ଉଦଘାଟନ କରି ପ୍ଲାଷ୍ଟିକର ପରିବେଶ ପ୍ରତି କୁପ୍ରଭାବ ଓ ଭୟାବହତା ସମ୍ପର୍କରେ ଆଲୋକପାତ କରିବା ସହିତ ପ୍ଲାଷ୍ଟିକ ବର୍ଜନ କରିବା ପାଇଁ ଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପକ ସୁଧାଂଶୁ ଶେଖର ବେହେରାଙ୍କ ତତ୍ତ୍ୱାବଧାନରେ ଛାତ୍ରୀ ମାନେ କଲେଜ ପରିସରରୁ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ପ୍ଲାଷ୍ଟିକ ବର୍ଜନ ପାଇଁ ଜନ ସାଧାରଣଙ୍କୁ ସଚେତନ କରିଥିଲେ। ଏଥିରେ ଅଧ୍ୟାପକ ସୁଧାଂଶୁ ଶେଖର ଓଝାଙ୍କ ସମେତ ରେଡକ୍ରସ କାଉନସେଲର ନମିତା ଦ୍ୱିବେଦୀ, ବିଜୟ କୁମାର ପୃଷ୍ଟି ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ । ପ୍ରଥମେ ଛାତ୍ରୀ ମାନେ କଲେଜ ପରିସରରେ ଅଳିଆ ଆବର୍ଜନା ସବୁ ସଫା କରିଥିଲେ ।

## ଗୋଠଛଡ଼ା ଦନ୍ତା ଆକ୍ରମଣରେ ବିଦ୍ୟୁତ କର୍ମଚାରୀ ଆହତ

**ଚମ୍ପୁଆ:** ଚମ୍ପୁଆରେ ହାତୀ ଆତଙ୍କ ଥମିବାର ନାଁ ଧରୁନାହିଁ। ଦିନକୁଦିନ ଗୋଠ ଛଡା ଦନ୍ତା ହାତୀଙ୍କ ଉତ୍ପାତ ବୃଦ୍ଧି ପାଇବାରେ ଲାଗିଛି। ବନ ବିଭାଗ ହାତୀଙ୍କ ଗତିବିଧି ଜାଣି ପାରୁ ନଥିବାରୁ ନାଚାର ହୋଇ ହାତବାନ୍ଧି ବସିଥିବା ଦେଖିବାକୁ ମିଳୁଛି। ଯାହାଦ୍ୱାରା ସାଧାରଣ ଜନତା ବାରମ୍ବାର ହାତୀ ଆକ୍ରମଣର ଶିକାର ହେଉଛନ୍ତି। କେତେବେଳେ ହାତୀ ପାଦ ତଳେ ନିରୀହ ମଣିଷଙ୍କ ଜୀବନ ଚାଲି ଯାଉଛି ତ କେତେବେଳେ ଗୁରୁତର ଆହତ ହେଉଛନ୍ତି। ଅନୁରୂପ ଘଟଣା କ୍ରମେ ଆଜି ପତଳା ଜଙ୍ଗଲରେ ଦନ୍ତା ହାତୀ ରହିଥିବା ଖବର, କାହାରି ପାଖରେ ନ ଥିଲା। ଯାହାଦ୍ୱାରା ଆଜି ଦନ୍ତା ଆକ୍ରମଣରେ ଜଣେ ବିଦ୍ୟୁତ କର୍ମଚାରୀ ଆହତ ହୋଇଛନ୍ତି। ଚମ୍ପୁଆ ବନାଂଚଳ ପତଳା ଜଙ୍ଗଲ ପତଳା ଗାଁମୁଣ୍ଡ ରାସ୍ତାରେ ଘଟିଛି ଏହି ଘଟଣା।

ଖବର ଅନୁସାରେ, ଚମ୍ପୁଆ ବ୍ଲକ ରଜିଆ ପଂଚାୟତ ଅନ୍ତର୍ଗତ ପତଳା ଗ୍ରାମର ଜିତେନ୍ଦ୍ର ନାଏକ। ସେ ଚମ୍ପୁଆ ବିଦ୍ୟୁତ ବିଭାଗରେ କାର୍ଯ୍ୟ କରନ୍ତି। ଆଜି ସକାଳ ପ୍ରାୟ ୭ ଟା ୧୫ ମିନିଟ ସମୟରେ ଚମ୍ପୁଆ ବିଦ୍ୟୁତ କାର୍ଯ୍ୟାଳୟରେ ରାତି ଡ୍ୟୁଟି ସାରି ନିଜ ଘରକୁ ଫେରୁଥିବା ବେଳେ ଗାଁ ମୁଣ୍ଡ ରାସ୍ତାରେ ହଠାତ ଏକ ଦନ୍ତା ହାତୀ ସହିତ ସାମ୍ନାସାମ୍ନି ହେବାରୁ ସେ ଦନ୍ତା ଆକ୍ରମଣର ଶିକାର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚମ୍ପୁଆ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତି କରିଥିବା ବେଳେ ଖବର ପାଇ ବନ କର୍ମଚାରୀ ଡାକ୍ତରଖାନାରେ ପହଂଚିଛନ୍ତି। ତେବେ ଗୋଠଛଡା ଦନ୍ତା ହାତୀଙ୍କ ଗତିବିଧି ସମ୍ପର୍କିତ ସଠିକ ସୂଚନା ବନବିଭାଗ ପାଖରେ ରହୁ ନଥିବା ବେଳେ ହାତୀର ଉପସ୍ଥିତି ଅଂଚଳବାସୀ ଜାଣିପାରୁ ନାହାନ୍ତି। ଫଳରେ ଅସମୟରେ ବାରମ୍ବାର ହାତୀ ଆକ୍ରମଣର ଶିକାର ହେଉଛନ୍ତି ଲୋକେ। ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଉଛି।

# ବଲୁଚ ବିଦ୍ରୋହୀଙ୍କ ଆକ୍ରମଣରେ ଭୟଭୀତ ଚୀନ୍

**ଇସଲାମାବାଦ :** ପାକିସ୍ତାନର ବଲୁଚିସ୍ତାନ ପ୍ରଦେଶରେ ବୃଦ୍ଧି ପାଉଥିବା ହିଂସା ଚୀନ୍‌ର ଚିନ୍ତା ବଢ଼ାଇଛି। ଗତ ପାଞ୍ଚ ଦିନ ମଧ୍ୟରେ ବଲୁଚିସ୍ତାନରେ ବ୍ୟାପକ ହିଂସା ଘଟିଛି। ବିଦ୍ରୋହୀ ଗୋଷ୍ଠୀ ବଲୁଚ୍ ଲିବରେସନ୍ ଆର୍ମି(ବିଏଲ୍ଏ) ପାକିସ୍ତାନୀ ସେନା ଶିବିର ଓ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ଟାର୍ଗେଟ କରି ଅପରେସନ୍ ହାରୋଫ୍ ଆରମ୍ଭ କରିଛି। ବଲୁଚିସ୍ତାନରେ ଏହି ହିଂସାକାଣ୍ଡରେ ଉଭୟ ପକ୍ଷର ୩୦୦ ରୁ ୪୦୦ ଲୋକଙ୍କର ମୃତ୍ୟୁ ହୋଇଥିବା ଦାବି କରାଯାଉଛି।

ଏହାକୁ ନେଇ ଚୀନ୍ ଚିନ୍ତିତ କାରଣ ଗ୍ୱାଦର ଓ ବଲୁଚିସ୍ତାନରେ ଅନେକ ପ୍ରକଳ୍ପରେ ନିବେଶ କରାଯାଇଛି। ପ୍ରକଳ୍ପ ସ୍ଥାନରେ ଶହ ଶହ ଚୀନ୍ କର୍ମଚାରୀ ଓ ଇଞ୍ଜିନିୟର ରହୁଛନ୍ତି। ଚୀନ୍ ଭୟ କରୁଛି, କର୍ମଚାରୀମାନଙ୍କୁ ବିଦ୍ରୋହୀମାନେ ଟାର୍ଗେଟ୍ କରିପାରନ୍ତି। ଚୀନ୍ ପାକିସ୍ତାନ ସମ୍ମୁଖରେ ସୁରକ୍ଷା ଗ୍ୟାରେଣ୍ଟି ନେଇ ବଡ଼ ସର୍ତ୍ତ ରଖିଛି ବଲୁଚିସ୍ତାନରେ ଘନଘନ ଆକ୍ରମଣ ପରେ

**ପାକିସ୍ତାନ ଆଗରେ ରଖିଲା ବଡ଼ ସର୍ତ୍ତ**

ଚୀନ୍ ସୁରକ୍ଷାକୁ ନେଇ ଚିନ୍ତା ପ୍ରକଟ କରିଛି । ଚୀନ୍ ନିଜର କର୍ମଚାରୀ ଓ ପ୍ରକଳ୍ପଗୁଡ଼ିକ ପାଇଁ ପାକିସ୍ତାନ ସରକାରଙ୍କଠାରୁ ସୁରକ୍ଷା ଗ୍ୟାରେଣ୍ଟି ଦାବି କରିଛି।

ରିପୋର୍ଟ ଅନୁଯାୟୀ, ବର୍ତ୍ତମାନର ପରିସ୍ଥିତି ଯୋଗୁ ଚୀନ୍ ଗ୍ୱାଦର ଓ ବଲୁଚିସ୍ତାନର ଅନେକ ସ୍ଥାନରେ କାମକୁ



ଅସ୍ଥାୟୀ ଭାବରେ ସ୍ଥଗିତ ରଖିଛି। ଚୀନ୍ ଏହାର କର୍ମଚାରୀମାନଙ୍କୁ ଅନେକ ସ୍ଥାନରୁ ସ୍ଥାନାନ୍ତର କରିଛି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଗ୍ୱାଦରରେ ନିୟୋଜିତ ଚୀନ୍ ଟେକ୍ନିସିଆନ୍ ଓ ଇଞ୍ଜିନିୟରମାନଙ୍କୁ ସ୍ୱତନ୍ତ୍ର ବିମାନ ଦ୍ୱାରା ସ୍ଥାନାନ୍ତର କରାଯାଇଛି।

ଚୀନ୍ ଦଳଇସଲାମାବାଦ କିମ୍ବା ଅନ୍ୟାନ୍ୟ ନିରାପଦ ସହରରେ ଅସ୍ଥାୟୀ ଭାବରେ ରହିବେ ବୋଲି କୁହାଯାଉଛି। ପାକିସ୍ତାନରେ ଚୀନ୍ ରାଷ୍ଟ୍ରଦୂତ ଜିଆଙ୍ଗ୍ ଜିଡୋଙ୍ଗ୍ ଏହି ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ଇସଲାମାବାଦରେ ବୈଦେଶିକ ମନ୍ତ୍ରୀ ଇସାକ ଡାରଙ୍କୁ ଭେଟିଥିଲେ। ସେ ପ୍ରକଳ୍ପ କାର୍ଯ୍ୟକଳାପକୁ ପୁନଃ ଆରମ୍ଭ କରିବା ପାଇଁ ଦୃଢ଼ ସୁରକ୍ଷା ବ୍ୟବସ୍ଥାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଇସାକ ଡାର ପାକିସ୍ତାନ ସରକାରଙ୍କ ପକ୍ଷରୁ ଚୀନ୍ କର୍ମଚାରୀ ଓ ପ୍ରକଳ୍ପର ସୁରକ୍ଷା ନେଇ ଆଶ୍ୱାସନା ଦେଇଥିଲେ। ତେବେ ଚୀନ୍ ବର୍ତ୍ତମାନ କାର୍ଯ୍ୟ ପୁଣି ଆରମ୍ଭ କରିବା ପାଇଁ ଅନୁକୂଳ ପରିସ୍ଥିତି ଦେଖୁନାହିଁ ।

## ଭାରତ ଆକାଶରେ ଦୃଶ୍ୟମାନ ହେବ ବର୍ଷର ପ୍ରଥମ ବ୍ଲଡ୍ ମୁନ୍



**ନୂଆଦିଲ୍ଲୀ:** ୨୦୨୬ ମସିହାର ପ୍ରଥମ ଚନ୍ଦ୍ରଗ୍ରହଣ କେବଳ ଏକ ସାଧାରଣ ଗ୍ରହଣ ନୁହେଁ, ବରଂ ଏକ ଖଗୋଳୀୟ ଘଟଣା ହେବ । ଏହା ଜ୍ୟୋତିର୍ବିଜ୍ଞାନ ଏବଂ ଜ୍ୟୋତିଷ ଉଭୟଙ୍କ ପାଇଁ ଏକ ଅତ୍ୟନ୍ତ ବିଶେଷ ମୁହୂର୍ତ୍ତ ହେବ । ଆସନ୍ତୁ ଜାଣିବା ବ୍ଲଡ୍ ମୁନ୍ କ'ଣ, ଏହାକୁ ଭାରତରେ କେବେ ଏବଂ କିପରି ଦେଖାଯାଇପାରିବ ଏବଂ ଏହାର ଗୁରୁତ୍ୱ ବିଷୟରେ ।

ବ୍ଲଡ୍ ମୁନ୍ ଏକ ବିଶେଷ ପ୍ରକାରର ପୂର୍ଣ୍ଣ ଚନ୍ଦ୍ରଗ୍ରହଣ । ଯେତେବେଳେ ସୂର୍ଯ୍ୟ, ପୃଥିବୀ ଏବଂ ଚନ୍ଦ୍ର ସରଳରେଖାରେ ରୁହନ୍ତି ଏବଂ ପୃଥିବୀ, ଚନ୍ଦ୍ର ଏବଂ ସୂର୍ଯ୍ୟ ମଧ୍ୟରେ ଅବସ୍ଥିତ ହୁଏ । ପୃଥିବୀର ଛାଇ ସମ୍ପୂର୍ଣ୍ଣ ଭାବରେ ଚନ୍ଦ୍ର ଉପରେ ପଡ଼ିଥାଏ । ଏହି ସମୟ ମଧ୍ୟରେ, ଚନ୍ଦ୍ର ସମ୍ପୂର୍ଣ୍ଣ କଳା ଦେଖାଯାଏ ନାହିଁ । ଏହା ଲାଲ, ତମ୍ବା କିମ୍ବା ଗାଢ଼ ନାରଙ୍ଗୀ ରଙ୍ଗର ଚମକ ଦିଏ । ଏହା ପୃଥିବୀର ବାୟୁମଣ୍ଡଳ ଦେଇ ଯାଉଥିବା ସୂର୍ଯ୍ୟଙ୍କ କିରଣ ଯୋଗୁଁ ହୁଏ । ବାୟୁମଣ୍ଡଳ ନୀଳ ଆଲୋକକୁ ବିଚ୍ଛିନ୍ନ କରେ, ଯାହା କେବଳ ଲାଲ ଆଲୋକକୁ

**୩ ମାର୍ଚ୍ଚରେ ଭାରତରେ ଦୃଶ୍ୟମାନ ହେବ**

ଚନ୍ଦ୍ର ପର୍ଯ୍ୟନ୍ତ ପହଞ୍ଚାଇଥାଏ । ଏହି କାରଣରୁ ଏହାକୁ ବ୍ଲଡ୍ ମୁନ୍ କୁହାଯାଏ ।

୨୦୨୬ ମସିହାର ପ୍ରଥମ ବ୍ଲଡ୍ ମୁନ୍ ୩ ମାର୍ଚ୍ଚରେ ଭାରତରେ ଦୃଶ୍ୟମାନ ହେବ । କିଛି ଜ୍ୟୋତିର୍ବିଜ୍ଞାନ ଗଣନା ଅନୁସାରେ, ଏହି ପ୍ରକ୍ରିୟା ୨ ମାର୍ଚ୍ଚ ବିଳମ୍ବିତ ରାତିରେ ଆରମ୍ଭ ହେବ ।

## ରାଶିଫଳ

**ମେଷ :** ଘାତଚନ୍ଦ୍ର, ଘାତତିଥି ଯୋଗୁ ବାଦବିବାଦ, ସ୍ୱାସ୍ଥ୍ୟ, ସ୍ୱଜନ, ପରିଜନ ସହ କଥାବାର୍ତ୍ତା ଏବଂ ଯାନବାହନ ଆରୋହଣ କାଳରେ ସତର୍କ ହେବେ। ମନରେ ଅସ୍ଥିରତା, ପରିବାରରେ ବିବାଦ ଏବଂ ଶତ୍ରୁବୃଦ୍ଧି ଘଟିବ।

**ବୃଷ:** ଦ୍ୱାଦଶ ଚନ୍ଦ୍ର, ଘାତବାର ଯୋଗୁ ମନରେ ଦୁଶ୍ଚିନ୍ତା, ଦୁର୍ଭାବନା ଓ ହତୋତ୍ସାହ ଭାବ ପ୍ରକାଶ ପାଇବ ଏବଂ ସମସ୍ତ କର୍ମରେ ଭୁଲ୍ ନିଷ୍ପତ୍ତି ନେବେ । ନିଶ୍ଚିତତାକୁ ପରିତ୍ୟାଗ କରି ଅନିଶ୍ଚିତତା ପଛରେ ପଶ୍ଚାତ୍‌ଧାବନ କରିବେ ।

**ମିଥୁନ:** ଏକାଦଶ ଚନ୍ଦ୍ର, ଶନିବାର ଓ ଶୁକ୍ରଙ୍କ ନକ୍ଷତ୍ର ଭୋଗ ହେଉଥିବାରୁ ଧନ, ସମ୍ପଦ, ବୃଦ୍ଧି ପାଇବ ଏବଂ ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ। ମନରେ ଉନ୍ନତ ଚିନ୍ତାଧାରା, ଉଚ୍ଚାଭିଳାଷ ପ୍ରକାଶ ପାଇବ ଏବଂ ଉନ୍ନତିମୂଳକ କର୍ମରେ ଧ୍ୟାନ ଅଧିକ ରହିବ।

**କର୍କଟ:** କର୍ମରେ ଉନ୍ନତି ଏବଂ ନୂତନ କର୍ମାରମ୍ଭର ଯୋଜନା କରିବେ। ମନରେ ସତ୍ ?ଚିନ୍ତା, ସଦ୍‌ଭାବନା ପ୍ରକାଶ ପାଇବ ଏବଂ ସତ୍‌କର୍ମରେ ଅଧିକ ଆଗ୍ରହ ରହିବ। କର୍ମରେ ଆଶାଠାରୁ ଅଧିକ ସଫଳତା ଏବଂ କର୍ମ କରିବାର ଶୈଳୀରେ ଉନ୍ନତି ଦେଖାଦେବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଯାହା ହେଲେ ମଧ ମନରେ ଆତ୍ମସନ୍ତୋଷ ଓ ଆତ୍ମତୃପ୍ତି ରହିବ ।

**ସିଂହ:** ଘାତବାର ଓ ନବମ ଚନ୍ଦ୍ର ଯୋଗୁ ସମସ୍ତ କର୍ମରେ ଶୁଭଫଳ ମିଳଲେ ମଧ ମନ ବିଷାଦଗ୍ରସ୍ତ ରହିବ ଏବଂ ଚାପଗ୍ରସ୍ତ ରହିବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ମଧ୍ୟମ ହେବ ଏବଂ କର୍ମରେ ସଫଳତା ଓ ପଦସ୍ଥ ଅଧିକାରୀଙ୍କ କୃପାଲାଭ କରିବେ।

**କନ୍ୟା:** ଘାତବାର ଓ ଅଷ୍ଟମ ଚନ୍ଦ୍ର ଯୋଗୁ ଧନକ୍ଷତି, ମାନସିକ ଅସ୍ଥିରତା, ପରିବାରରେ ବିବାଦ ଏବଂ ଶାରୀରିକ ପୀଡ଼ା ଭୋଗିବେ । ଉଚିତ୍ କର୍ମରୁ ବିଚ୍ୟୁତ ହୋଇ ଅନୁଚିତ୍ କର୍ମରେ ଅଧିକ ଆଗ୍ରହ ରହିବ ଏବଂ ବିନା କାରଣରେ ବହୁତ ବ୍ୟସ୍ତ ରହିବେ ।

**ତୁଳା:** ଶନିବାର, ଷଷ୍ଠୀ ତିଥି ଓ ଶୁକ୍ରଙ୍କ ନକ୍ଷତ୍ର ଯୋଗୁ ସ୍ତ୍ରୀସୌଖ୍ୟ, ସ୍ତ୍ରୀହେତୁକ ଧନପ୍ରାପ୍ତି ଏବଂ ଦାମ୍ପତ୍ୟ ଜୀବନ ମଧୁର ହେବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ଏବଂ କର୍ମରେ ସଫଳତା ଓ ସମ୍ମାନ ମିଳିବ ।

**ବିଛା :** ଷଷ୍ଠ ଚନ୍ଦ୍ର, ଷଷ୍ଠୀ ତିଥି ଯୋଗୁ ଅସମ୍ଭବକୁ ସମ୍ଭବ କରିବାରେ ସମର୍ଥ ହେବେ ଏବଂ ସମସ୍ତ ଆଶା, ଆକାଂକ୍ଷା ଓ ଅଭିଳାଷ ପୂର୍ଣ୍ଣ ହେବ । ମନରେ ପ୍ରସନ୍ନତା, ଶରୀରରେ ସୁସ୍ଥତା, ସମସ୍ତଙ୍କ ସହ ବନ୍ଧୁତା ଏବଂ ସମସ୍ତ କର୍ମରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ଆପଣାଇବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ।

**ଧନୁ :** ପଞ୍ଚମ ଚନ୍ଦ୍ର ଓ ଘାତ ନକ୍ଷତ୍ର ଯୋଗୁ ସମସ୍ତ କର୍ମରେ ଶୁଭଫଳ ମିଳିଲେ ମଧ ମନ ବିଷାଦଗ୍ରସ୍ତ ରହିବ। ବିଦ୍ୟା, ବୁଦ୍ଧି, ଜ୍ଞାନ, ଗରିମା, ପ୍ରତ୍ୟୁତ୍ପନ୍ନମତି ଓ ଦୂରଦୃଷ୍ଟିର ବିକାଶ ଘଟିବ ଏବଂ ସମସ୍ତ କର୍ମରେ ସଫଳତା ଶୀର୍ଷରେ ରହିବ ।

**ମକର :** ଶୁକ୍ଳପକ୍ଷର ଚତୁର୍ଥ ଚନ୍ଦ୍ର ଯୋଗୁ ବାଦବିବାଦ, ସ୍ୱାସ୍ଥ୍ୟ, ଆର୍ଥିକ କାରବାର ଏବଂ ଯାନବାହନ ଆରୋହଣ କାଳରେ ସତର୍କ ହେବେ । ଗୁରୁଜନଙ୍କ ସହ ବିବାଦ, ପରିବାରରେ ମତାନ୍ତର, ଯାନବାହନରେ ଖର୍ଚ୍ଚାନ୍ତରେ ପଡ଼ିବେ ।

**କୁମ୍ଭ :** ଷଷ୍ଠୀ ତିଥି, ଶନିବାର ଏବଂ ଶୁକ୍ରଙ୍କ ନକ୍ଷତ୍ର ଯୋଗୁ ମନରେ ଉତ୍ସାହ, ଉଦ୍ଦୀପନା, ପରିବାରରେ ସୁଖଶାନ୍ତି ଏବଂ ଭାଇ, ଭଉଣୀଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଓ ଆନ୍ତରିକତା ଅଧିକ ରହିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ।

**ମୀନ :** ଶୁକ୍ଳପକ୍ଷର ଦ୍ୱିତୀୟ ଚନ୍ଦ୍ର ଯୋଗୁ ଧନ, ସମ୍ପଦ ବୃଦ୍ଧି ପାଇବ । ଅନ୍ୟକୁ ଦେଇଥିବା ଧନ ଫେରି ପାଇବେ ଏବଂ ଅନ୍ୟଠାରୁ ଆଣିଥିବା ଧନ ଫେରାଇବାରେ ସମର୍ଥ ହେବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଉତ୍ତମ ହେବ ଏବଂ ଆୟ ଯେତେ ଅଧିକ ହେଲେ ମଧ ମନରେ ଆତ୍ମସନ୍ତୋଷ ମିଳିବ ନାହିଁ।

ମାତୃଭାଷା



## ୭୫୦୦୦ ଟଙ୍କାରୁ ଅଧିକ ଜିନିଷ ଉପରେ ଲାଗିବ ଡ୍ୟୁଟି ଚାର୍ଜ, ଯାତ୍ରୀଙ୍କ ପାଇଁ ନୂଆ ନିୟମ ଲାଗୁ

**ନୂଆଦିଲ୍ଲୀ:** ଗତ ୧ ଫେବୃଆରୀରେ ସାଧାରଣ ବଜେଟ୍ ଅନେକ ଏମିତି ଘୋଷଣା ହୋଇଛି। ବଜେଟ୍-ଡେରେ ଏକ ପ୍ରମୁଖ ନିଷ୍ପତ୍ତି ଲଗେଜ୍ ଅର୍ଥାତ୍ ସାମଗ୍ରୀକୁ ନେଇ ହୋଇଛି। କେନ୍ଦ୍ର ସରକାର ଭାରତରେ 'ଡ୍ୟୁଟି ଫ୍ରି' ଇମ୍ପୋର୍ଟେଡ୍ ଗୁଡ୍ସ ଆଣିବାର ଲିମିଟ୍ ବଦଳାଇ ଦେଇଛନ୍ତି।



ଡ୍ୟୁଟି ଫ୍ରି ଲଗେଜ୍‌ର ଲିମିଟ୍ ପୂର୍ବ ତୁଳନାରେ ବଢାଇ ଦିଆଯାଇଛି। ପ୍ରଥମେ ଏହା ୫୦ ,୦୦୦ ଟଙ୍କା ଥିଲା ,ଯାହାକୁ ଏବେ ବଢାଇ ୭୫ ,୦୦୦ ଟଙ୍କା କରି ଦିଆ ଯାଇଛି। ଏହାର ଅର୍ଥ ଯେ , ଏବେ ୭୫ ହଜାର ଟଙ୍କାରୁ ଅଧିକ ଜିନିଷ ଉପରେ ଡ୍ୟୁଟି ଚାର୍ଜ ଲାଗିବ।

କହି ରଖୁଛୁ କି, ସରକାର,ବ୍ୟାଗେଜ୍ ନିୟମ, ୨୦୨୬କୁ ନୋଟିଫାଇ କରିଛନ୍ତି। ଏହି ଅନୁସାରେ , ଭାରତରେ ଭୂମିଗତ ମାର୍ଗ ବ୍ୟତୀତ କୌଣସି ବି ଅନ୍ୟ ମାର୍ଗରୁ ଆସୁଥିବା ଭାରତୀୟ ନାଗରିକଙ୍କୁ କିମ୍ବା ଭାରତୀୟ ବଂଶୋଦ୍ଭବ ପର୍ଯ୍ୟଟକଙ୍କୁ ୭୫,୦୦୦ ଟଙ୍କା ଯାଏ ଡ୍ୟୁଟି ଫ୍ରି ଜିନିଷ ଆଣିବାକୁ ଅନୁମତି ହେବ।

ନୂଆ ନିୟମ ଦୁଇ ଫେବୃଆରୀର ମଧ୍ୟରାତ୍ରୀରୁ ପ୍ରଭାବୀ ହୋଇଯିବ ଏବଂ ଏକ ଦଶନ୍ଧି ପୁରୁଣା ଜିନିଷ ସମ୍ବନ୍ଧୀୟ ନିୟମର ସ୍ଥାନ ନେବ। ନୂଆ ନିୟମ ଅନୁସାରେ ଭାରତ ଆସୁଥିବା ବିଦେଶୀ ପର୍ଯ୍ୟଟର(ଶିଶୁଙ୍କୁ ଛାଡ଼ି) ୨୫,୦୦୦ ଟଙ୍କା ଯାଏ ମୂଲ୍ୟର ଡ୍ୟୁଟ୍ ଫ୍ରି ଜିନିଷ ଆମିବାକୁ ଅନୁମତି ମିଳିବ। ପୂର୍ବରୁ ଏହା ସୀମା ନିୟମ ଅନୁସାରେ ,୧୫,୦୦୦ ଟଙ୍କା ଥିଲା। ଏହା ବ୍ୟତୀତ , ଯେଉଁ ଭାରତୀୟ ନାଗରିକ କିମ୍ବା ଭାରତୀୟ ବଂଶୋଦ୍ଭବ ଲୋକ ବର୍ଷରୁ ଅଧିକ ସମୟ ଏହି ବିଦେଶରେ ରହୁଛନ୍ତି, ତାଙ୍କ ପାଇଁ ଗହଣା (ଜୁଏଲାରୀ)କୁ ନେଇ ଅଲଗା ନିୟମ ହୋଇଛି।

ଭାରତ ଫେରିବାରେ ମହିଳା ଯାତ୍ରୀ ୪୦ଗ୍ରାମ ପର୍ଯ୍ୟନ୍ତ ଗହଣା ବିନା ଡ୍ୟୁଟିରେ ଆଣି ପାରିବେ। ଅନ୍ୟପଟେ, ପୁରୁଷ ଯାତ୍ରୀ ( କିମ୍ବା ମହିଳାଙ୍କ ବ୍ୟତୀତ ଅନ୍ୟମାନେ) ୨୦ ଗ୍ରାମ୍ ? ଯାଏ ଜୁଏଲାରୀ ବିନା ଡ୍ୟୁଟି ଆଣି ପାରିବେ। ଏହି ଜୁଏଲାରୀ ଯାତ୍ରୀଙ୍କ ବୈଧ ଜିନିଷର ଅଂଶ ହେବା ଉଚିତ। ଜୁଏଲାରୀ ମଧ୍ୟରେ ସୁନା, ରୁପା, ପ୍ଲାଟିନମ୍ କିମ୍ବା ଅନ୍ୟ ଦାମୀ ଧାତୁରେ ନିର୍ମିତ ଅଳଙ୍କାର ସାମିଲ ଅଛି।

## ଧନୀ ବ୍ୟକ୍ତି ଭାବରେ ମସ୍କଙ୍କ ସମ୍ପତ୍ତି ୯୫୦ ବିଲିଅନ ଡଲାର ପାର୍

**ନୂଆଦିଲ୍ଲୀ:** ଧନ କୁବେର ଏଲନ ମସ୍କଙ୍କ ସମ୍ପତ୍ତି ରାତିକରେ ହାତିଏ ବଢୁଛି। ଟେସଲା ସିଇଓ ବର୍ତ୍ତମାନ ଇତିହାସରେ ପ୍ରଥମ ବ୍ୟକ୍ତି ହୋଇଛନ୍ତି, ଯାହାଙ୍କ ସମ୍ପତି ୮୫୦ ବିଲିୟନ ଡଲାର ପାର୍ କରିଛି। ଭାରତୀୟ ମୁଦ୍ରାରେ ଏହା ପ୍ରାୟ ୭୭ ଲକ୍ଷ କୋଟି ଟଙ୍କା ହେବ । ଗୋଟିଏ ଦିନରେ ତାଙ୍କ ସମ୍ପତ୍ତି ୮୪ ବିଲିୟନ ଡଲାର ମାନେ ୭ ଲକ୍ଷ କୋଟି ଟଙ୍କା ବଢ଼ିଯାଇଛି। ହଠାତ ଏମିତି ବୃଦ୍ଧି କେମିତି ହେଲା ? ଆସନ୍ତୁ ଫୋର୍ବସ ପତ୍ରିକାର ସଦ୍ୟତମ ରିପୋର୍ଟ ବିଷୟରେ ଜାଣିବା।

ଫୋର୍ବସ୍ ଅନୁଯାୟୀ, ମସ୍କ ଏବେ ଇତିହାସର ସବୁଠାରୁ ଧନୀ ବ୍ୟକ୍ତି ହୋଇସାରିଛନ୍ତି। ମସ୍କଙ୍କ ସମ୍ପତ୍ତିରେ ଏହି ବୃଦ୍ଧି ତାଙ୍କର ରକେଟ୍ ତିଆରି କମ୍ପାନୀ, ସ୍ପେସ୍ ଏକ୍ସ ଏବଂ ତାଙ୍କର ଏଆଇ ଷ୍ଟାର୍ଟଅପ୍, xAI ର ମିଶ୍ରଣ ଯୋଗୁ ହୋଇଛି। ମସ୍କଙ୍କ ରକେଟ୍ କମ୍ପାନୀ ସ୍ପେସଏକ୍ସ, ତାଙ୍କର ଏଆଇ କମ୍ପାନୀ, xAI କୁ ଅଧିଗ୍ରହଣ କରିଛି। ଏହି ଦୁଇଟି ପୂର୍ବରୁ ଅଲଗା ସଂସ୍ଥା ଥିଲେ। ଦୁହେଁ ମିଶିଗଲା ପରେ ଏକ ବୃହତ କମ୍ପାନୀ ହୋଇଛି। ଯାହାର ମୂଲ୍ୟ $୧.୨୫ ଟ୍ରିଲିୟନ ଡଲାର ବା ପ୍ରାୟ ୧୦୪ ଲକ୍ଷ କୋଟି ଟଙ୍କା ହୋଇଯାଇଛି। ଏହି ମିଶ୍ରଣ ପରେ ମସ୍କଙ୍କ ନେଟ ୱାର୍ଥରେ $୮୪ ବିଲିୟନ ଡଲାର ବୃଦ୍ଧି ହୋଇଛି। ଫଳରେ ମସ୍କଙ୍କ ମୋଟ ସମ୍ପତ୍ତି ୮୫୨ ବିଲିଅନ ଡଲାର ହୋଇଯାଇଛି। ଯାହା ପାକିସ୍ତାନ, ଶ୍ରୀଲଙ୍କା ଏବଂ ନେପାଳର ଜିଡିପି ଠାରୁ ଅଧିକ ରହିଛି।

ମସ୍କ ଏବଂ ବିଶ୍ୱର ଦ୍ୱିତୀୟ ସବୁଠାରୁ ଧନୀ ବ୍ୟକ୍ତିଙ୍କ ମଧ୍ୟରେ ବ୍ୟବଧାନ ତିନି ଗୁଣରୁ ଅଧିକ ବୃଦ୍ଧି ପାଇଛି। ଗୁଗୁଲ୍ ସହ-ପ୍ରତିଷ୍ଠାତା ଲାରି ପେଜ୍ ୨୮୧ ବିଲିୟନ ଡଲାର ସମ୍ପତ୍ତି ସହିତ ବିଶ୍ୱ ଧନୀ ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ମସ୍କ ତାଙ୍କଠାରୁ ୫୭୮ ବିଲିୟନ ଡଲାର ଅଧିକ ଧନୀ ଅଛନ୍ତି। ତାଙ୍କ ସମ୍ପତ୍ତି ଯେଉଁ ହାରରେ ବଢୁଛି, ଲାଗୁଛି ସେ ଖୁବ୍ ଶୀଘ୍ର ବିଶ୍ୱର ପ୍ରଥମ ଟ୍ରିଲିୟନିୟର (୧ ଟ୍ରିଲିୟନ ଡଲାରର ମାଲିକ) ହୋଇପାରନ୍ତି।



ଫୋର୍ବ୍ ?ସ ପତ୍ରିକାର ସଦ୍ୟତମ ଡାଟା ଅନୁସାରେ, ସାରା ବିଶ୍ୱରେ ୨୬୦୦ ରୁ ଅଧିକ ବିଲିୟନେୟର ଅଛନ୍ତି, ସେମାନଙ୍କ ମଧ୍ୟରୁ ଏକ ତୃତୀୟାଂଶରୁ ଅଧିକ କେବଳ ଆମେରିକାରେ ରୁହନ୍ତି। ଏଠାରେ ମୋଟ ପ୍ରାୟ ୯୦୨ ଜଣ ବିଲିୟନେୟାର ଅଛନ୍ତି। ଯେଉଁଥିରୁ ଏଲନ ସବୁଠାରୁ ଆଗରେ ରହିଛନ୍ତି। ଚୀନ ଦ୍ୱିତୀୟ ସ୍ଥାନରେ ଅଛି। ଏଠାରେ ପ୍ରାୟ ୪୫୦ ଜଣ ଆରବପତି ଅଛନ୍ତି। ବାଇଟଡାନ୍ସର ପ୍ରତିଷ୍ଠାତା ଝାଙ୍ଗ ୟିମିଙ୍ଗ ଚୀନ୍‌ର ନମ୍ବରୱାନ ଅରବପତି।

ଭାରତ ପ୍ରାୟ ୨୦୫ ଅରବପତିଙ୍କ ସହ ତାଲିକାରେ ତୃତୀୟ ସ୍ଥାନରେ ଅଛି। ଆମ ଦେଶରେ ଆରବପତିଙ୍କ ସଂଖ୍ୟା କ୍ରମାଗତ ଭାବରେ ବୃଦ୍ଧି ପାଉଛି। ମୁକେଶ ଅମ୍ବାନୀ ଭାରତୀୟ କୋଟିପତିଙ୍କ ତାଲିକାର ଶୀର୍ଷରେ ଅଛନ୍ତି। ତାଙ୍କ କମ୍ପାନୀ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ତୈଳ, ମୋବାଇଲ୍ ନେଟୱାର୍କ ଏବଂ ସପିଂ ପ୍ଲାଟଫର୍ମ ସମେତ ବିଭିନ୍ନ କ୍ଷେତ୍ରରେ ବ୍ୟବସାୟ କରୁଛି।

୧୭୧ ଅରବପତିଙ୍କ ସହିତ ଜର୍ମାନୀ ଚତୁର୍ଥରେ ଥିବା ବେଳେ ୧୪୦ ସଂଖ୍ୟା ସହ ଋଷ ପଞ୍ଚମ, ୭୬ ସଂଖ୍ୟା ସହ କାନାଡ଼ା ଷଷ୍ଠ, ୭୪ ଆରବପତିଙ୍କ ସଂଖ୍ୟା ସହ ଇଟାଲ ସପ୍ତମ,୬୬ ସହ ହଂକଂ ଅଷ୍ଟମ ଓ ୫୬ ଅରବପତିଙ୍କ ସହ ବ୍ରାଜିଲ୍ ନବମରେ ଥିବା ବେଳେ ୫୫ ଆରବପତିଙ୍କ ସହ ୟୁକେ ଦଶମ ସ୍ଥାନରେ ରହିଛି।

ଫୋର୍ବସ ରିପୋର୍ଟ ଅନୁଯାୟୀ, କୋଭିଡ-୧୯ ମହାମାରୀ ପରେ ୨୦୨୦ ରେ ସାରା ବିଶ୍ୱରେ ଅରବପତିଙ୍କ ସଂଖ୍ୟା ହ୍ରାସ ପାଇଥିଲା। ଏହାପରେ ୨୦୨୧ ରେ ଏହି ସଂଖ୍ୟା ପୁଣି ବୃଦ୍ଧି ପାଇଥିଲା। ଏହାପରେ ୨୦୨୩ ରେ ପୁଣି ଏକ ହ୍ରାସ ଘଟିଥିଲା। ୨୦୨୪ ପରଠାରୁ, ଆରବପତି ସଂଖ୍ୟାରେ କୌଣସି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖାଯାଇ ନାହିଁ ।

## ଏବେ ଅନ୍ୟ ଇଓ ଟୁଲ୍‌ରୁ କରିହେବ ଚାଟ୍-ହିଷ୍ଟ୍ରି ଟ୍ରାନ୍ସଫର୍




**ଏହି ଫିଚର୍ସକୁ ଏବେ ପରୀକ୍ଷାମୂଳକ ଭାବେ ବ୍ୟବହାର କରାଯାଉଛି । ଏହାକୁ ଚୂଡାନ୍ତ ରୂପ ଦିଆଯାଇ ନାହିଁ । ଏହାଦ୍ୱାରା ୟୁଜରଙ୍କୁ ବହୁତ ଫାଇଦା ହେବ । ସେମାନେ ନିଜ ପୁରୁଣା ପ୍ରୋଜେକ୍ଟ, ଚାଟ୍ କୁ ଗୋଟିଏ ଟୁଲ୍ ରୁ ଅନ୍ୟ ଟୁଲ୍ କୁ ନେଇପାରିବେ ।**

**ନୂଆଦିଲ୍ଲୀ:** ଏଆଇ ୟୁଜରଙ୍କ ପାଇଁ ଖୁସି ଖବର । ଏବେ ଟ୍ରାନ୍ସଫର୍ ହୋଇପାରିବ ଚାଟ୍ ହିଷ୍ଟ୍ରି । ଗୋଟିଏ ଏଆଇ ଟୁଲରୁ ଅନ୍ୟ ଏଆଇ ଟୁଲକୁ ଏହା ପଠାଯାଇ ପାରିବ । କିଛି ଏମିତି ଫିଚର୍ସ ଆଣିବାକୁ ଯାଉଛି Google Gemini । ଚାଟ୍ ଜିପିଟିରୁ କିପରି ଜେମିନିକୁ ଚାଟ୍ ଟ୍ରାନ୍ସଫର୍ କରିହେବ ସେନେଇ ପ୍ରୟାସ ଆରମ୍ଭ ହୋଇଛି ।

ଏହି ଫିଚର୍ସକୁ ଏବେ ପରୀକ୍ଷାମୂଳକ ଭାବେ ବ୍ୟବହାର କରାଯାଉଛି । ଏହାକୁ ଚୂଡାନ୍ତ ରୂପ ଦିଆଯାଇ ନାହିଁ । ଏହାଦ୍ୱାରା ୟୁଜରଙ୍କୁ ବହୁତ ଫାଇଦା ହେବ । ସେମାନେ ନିଜ ପୁରୁଣା ପ୍ରୋଜେକ୍ଟ, ଚାଟ୍ କୁ ଗୋଟିଏ ଟୁଲ୍ ରୁ ଅନ୍ୟ ଟୁଲ୍ କୁ ନେଇପାରିବେ । ଜେମିନି ୟୁଜରମାନେ ଚାଟ୍ ଜିପିଟି, କ୍ଲାଉଡ୍, ଗ୍ରୋକ୍, ମାଇକ୍ରୋସଫ୍ଟ କାପିଲଟରୁ ସେମାନଙ୍କ ତଥ୍ୟକୁ ଗୁଗଲକୁ ଆଣିପାରିବେ । ଅନ୍ୟ ଦିଗରେ ଗୁଗଲ ଆହୁରି ଅଧିକ ଫିଚର୍ସ ନିଜ ଏଆଇ ଟୁଲ୍ ରେ ସାମିଲ କରିବାକୁ ଯାଉଛି । ତିନୋଟି ନୂଆ ଫିଚର୍ସ ଉପରେ କାମ ଚାଲିଛି । ଏହା ମଧ୍ୟରୁ ଚାଟ୍ ଟ୍ରାନ୍ସଫର୍ ଅନ୍ୟତମ । ଏବେ କୌଣସି ପୁରୁଣା ପ୍ରକଳ୍ପକୁ ନୂଆ ଟୁଲ୍ ରେ କରିବା ପାଇଁ ଗୁଗଲ ଆଉ ବାଧା ଦେବ ନାହିଁ । ରିପୋର୍ଟ ଅନୁସାରେ, ଜେମିନିର ସେଟିଂରେ 'ଲାଇକ୍ ନେସ୍' ନାଁରେ ଗୋଟିଏ ଅପସନ୍ ରହିବ । ଏହାପରେ ୟୁଜର ଭିଡିଓ ଭେରିଫିକେସନ୍ କରିପାରିବେ । ଅଥେଣ୍ଟିକେସନ୍ ମିଳିବା ପରେ ହିଷ୍ଟ୍ରି ଟ୍ରାନ୍ସଫର୍ ହେବ । ଏବେ ଏହି ଫିଚର୍ସ ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି । ଏହା ଲଞ୍ଚ୍ ହେଲା ପରେ ଏଥିରେ କିଛି ବଦଳି କରାଯାଇପାରେ । ଏବେ କମ୍ପାନୀ ନିଜର ଇମେଜ୍ ଜେନେରେସନରେ ନୂଆ ଡେଭେଲପମେଣ୍ଟ କରିଛି । ଏହାଦ୍ୱାରା ୨ଳ କିମ୍ବା ୪ଳ ରିଜୋଲେସନର ଫଟୋ ଡାଉନଲୋଡ୍ କରିହେବ । ଯାହା ପ୍ରିଣ୍ଟିଂ ସମୟରେ ଉନ୍ନତ ଫଟୋ ପ୍ରଦାନ କରିପାରିବ ।

## ବିସି ଜିନ୍ଦଲ ଗ୍ରୁପର ଜିନ୍ଦଲ (ଇଣ୍ଡିଆ) ଲିମିଟେଡ୍ ୨୦୨୬-୨୭ ପାଇଁ ଉତ୍ତମ କାର୍ଯ୍ୟକ୍ଷେତ୍ର ପ୍ରମାଣପତ୍ର ହାସଲ କରିଛି

**ଭୁବନେଶ୍ୱର:** ବିସି ଜିନ୍ଦଲ ଗ୍ରୁପର ପ୍ରମୋଟର ଶ୍ୟାମ ସୁନ୍ଦର ଜିନ୍ଦଲଙ୍କ ନେତୃତ୍ୱାଧୀନ ବିସି ଜିନ୍ଦଲ ଗ୍ରୁପର ଜିନ୍ଦଲ (ଇଣ୍ଡିଆ) ଲିମିଟେଡ୍ ଜାନୁଆରୀ ୨୦୨୬ - ଜାନୁଆରୀ ୨୦୨୭ ଅବଧି ପାଇଁ 'ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ' ଦ୍ୱାରା ପ୍ରମାଣପତ୍ର ହାସଲ କରିଛି। ଏହି ପ୍ରତିଷ୍ଠିତ ପୁରସ୍କାର ସମ୍ପୂର୍ଣ୍ଣ ଭାବରେ ଜିନ୍ଦଲ (ଇଣ୍ଡିଆ) ଲିମିଟେଡ୍‌ରେ କାର୍ଯ୍ୟ କରିବା ବିଷୟରେ ବର୍ତ୍ତମାନର କର୍ମଚାରୀମାନେ ଯାହା କୁହନ୍ତି ତାହା ଉପରେ ଆଧାରିତ ରହିଛି। ୯୬% କର୍ମଚାରୀ କହିଛନ୍ତି ଯେ ଏହା ଏକ ଉତ୍ତମ କାର୍ଯ୍ୟକ୍ଷେତ୍ର ଯାହା ଭାରତର ଶ୍ରେଷ୍ଠ ୧୦୦ ବେଞ୍ଚମାର୍କ କମ୍ପାନୀର ହାରାହାରି ତୁଳନାରେ ୮% ଅଧିକ ରହିଛି। ଏହି ସର୍ଭେ ଜିନ୍ଦଲ ଇଣ୍ଡିଆର ୨୮୦୦ ରୁ ଅଧିକ କର୍ମଚାରୀଙ୍କ ଦ୍ୱାରା କରାଯାଇଥିଲା ଯେଉଁମାନେ ଭାରତରେ ବିଭିନ୍ନ ସ୍ଥାନରେ ୨ଟି ଉତ୍ପାଦନ ପ୍ଲାଣ୍ଟ ଏବଂ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଛନ୍ତି।

'ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ' ହେଉଛି କାର୍ଯ୍ୟକ୍ଷେତ୍ର ସଂସ୍କୃତି, କର୍ମଚାରୀ ଅଭିଜ୍ଞତା ଏବଂ ବଜାର-ଅଗ୍ରଣୀ ରାଜସ୍ୱ, କର୍ମଚାରୀ ପ୍ରତିଧାରଣ ଏବଂ ବୃଦ୍ଧିତ ନବସୃଜନ ପ୍ରଦାନ କରିବା ପାଇଁ ପ୍ରମାଣିତ ନେତୃତ୍ୱ ଆଚରଣ ଉପରେ ବିଶ୍ୱସ୍ତରୀୟ କର୍ତ୍ତୃପକ୍ଷ।

"ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ସାର୍ଟିଫିକେସନ୍ ପ୍ରାପ୍ତ କରିବା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଯାହା ପାଇଁ ସାମଗ୍ରିକ କର୍ମଚାରୀ ଅଭିଜ୍ଞତା ପ୍ରତି ସ୍ଥିର ଏବଂ ଉଦ୍ଦେଶ୍ୟମୂଳକ ସମର୍ପଣ ଆବଶ୍ୟକ କରେ," ଗ୍ରେଟ୍ ପ୍ଲେସ୍ ଟୁ ୱାର୍କର ଗ୍ଲୋବାଲ୍ ରେକଗ୍ନିସନ୍ ର ଉପାଧ୍ୟକ୍ଷ ସାରା ଲୁଇସ୍-କୁଲିନ୍ କହିଛନ୍ତି। ସେ ଜୋର ଦେଇଛନ୍ତି ଯେ ସାର୍ଟିଫିକେସନ୍ ହେଉଛି କର୍ମଚାରୀମାନଙ୍କ କମ୍ପାନୀ ସଂସ୍କୃତି ସମ୍ପର୍କରେ ବାସ୍ତବ-ସମୟ ମତାମତ ଦ୍ୱାରା ଅର୍ଜିତ ଏକମାତ୍ର ସରକାରୀ ସ୍ୱୀକୃତି। "ଏହି ସ୍ୱୀକୃତି ସଫଳତାର ସହିତ ହାସଲ କରି, ଏହା ସ୍ପଷ୍ଟ ଯେ ଜିନ୍ଦଲ୍ (ଇଣ୍ଡିଆ) ଲିମିଟେଡ୍ କାମ କରିବା ପାଇଁ ଶ୍ରେଷ୍ଠ କମ୍ପାନୀଗୁଡ଼ିକ ମଧ୍ୟରୁ ଗୋଟିଏ ଭାବରେ ଠିଆ ହୋଇଛି, ଏହାର କର୍ମଚାରୀମାନଙ୍କ ପାଇଁ ଏକ ଉତ୍ତମ କର୍ମକ୍ଷେତ୍ର ପରିବେଶ ପ୍ରଦାନ କରୁଛି।"

"ଆରମ୍ଭ ହେବା ପରଠାରୁ, ଜିନ୍ଦଲ୍ (ଇଣ୍ଡିଆ) ଲିମିଟେଡ୍ ର ପ୍ରୟାସ ରହିଛି ଯେପରିକି କର୍ମଚାରୀମାନଙ୍କୁ ଏକ ଉତ୍ତମ କାର୍ଯ୍ୟ ସ୍ଥଳ ଅଭିଜ୍ଞତା ପ୍ରଦାନ କରିବା ପାଇଁ ଦୃଢ଼ ଭାବରେ ନିର୍ଦ୍ଦେଶିତ ହୋଇଛି, ଏବଂ ଆମେ ଏକ ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ-ସାର୍ଟିଫାଏଡ୍‌ମ୍ କମ୍ପାନୀ ହେବାକୁ ଖୁସି। ଏହି ସ୍ୱୀକୃତି ଜିନ୍ଦଲ୍ (ଇଣ୍ଡିଆ) ଲିମିଟେଡ୍ ରେ ଆମର ସମସ୍ତ କର୍ମଚାରୀଙ୍କ ସମର୍ପଣ ଏବଂ ପ୍ରତିବଦ୍ଧତାକୁ ଉଲ୍ଲେଖ କରେ। ଏହି ସମ୍ମାନଜନକ ସ୍ୱୀକୃତି ହାସଲ କରିବାରେ ଆମେ ସେମାନଙ୍କର ପ୍ରୟାସକୁ ସ୍ୱୀକାର କରୁ ଏବଂ ପ୍ରଶଂସା କରୁଛୁ," ଜିନ୍ଦଲ୍ (ଇଣ୍ଡିଆ) ଲିମିଟେଡ୍ ର ମୁଖପାତ୍ର କହିଛନ୍ତି। ଗତ କିଛି ବର୍ଷ ମଧ୍ୟରେ, ଜିନ୍ଦଲ ଇଣ୍ଡିଆ ଏହାର ଲୋକକୈନ୍ଦ୍ରିକ ପଦକ୍ଷେପଗୁଡ଼ିକ ଉପରେ ବ୍ୟାପକ ଭାବରେ କାର୍ଯ୍ୟ କରିଛି ଯାହା ସଶକ୍ତିକରଣ, ଉନ୍ନତ ପ୍ରତିକ୍ରିୟାଶୀଳତା, ମୂଲ୍ୟ-ଚାଳିତ ଆଚରଣର ସ୍ୱୀକୃତି ଏବଂ କାର୍ଯ୍ୟଦକ୍ଷତା-ଚାଳିତ କାର୍ଯ୍ୟ ସଂସ୍କୃତିକୁ ନେଇ ପ୍ରତିବଦ୍ଧ ରହିଛି, ଯାହା ଏକ ଅନ୍ତର୍ଭୁକ୍ତ ପରିବେଶ ସୃଷ୍ଟି କରିଛି ଯେଉଁଠାରେ ଲୋକମାନେ ସମ୍ମାନ, ସମର୍ଥିତ ଏବଂ ସଂଗଠନର ସଫଳତା ସହିତ ଜଡିତ ଅନୁଭବ କରନ୍ତି।

ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ ଗବେଷଣା ଅନୁଯାୟୀ, ଚାକିରି ଖୋଜୁଥିବା ଲୋକମାନେ ଏକ ସାର୍ଟିଫାଏଡ୍ ଉତ୍ତମ କାର୍ଯ୍ୟକ୍ଷେତ୍ରରେ ଜଣେ ଉତ୍ତମ ବସ୍ ପାଇବାର ସମ୍ଭାବନା ୪.୫ ଗୁଣ ଅଧିକ ରହିଛି। ଏହା ସହିତ, ସାର୍ଟିଫାଏଡ୍ କାର୍ଯ୍ୟକ୍ଷେତ୍ରରେ କର୍ମଚାରୀମାନେ କାମକୁ ଆସିବାକୁ ଅପେକ୍ଷା କରିବାର ସମ୍ଭାବନା ୯୩% ଅଧିକ, ଏବଂ ସେମାନଙ୍କୁ ନ୍ୟାୟସଙ୍ଗତ ଦରମା ମିଳିବା, କମ୍ପାନୀର ଲାଭର ଏକ ନ୍ୟାୟସଙ୍ଗତ ଅଂଶ ଅର୍ଜନ କରିବା ଏବଂ ପଦୋନ୍ନତିର ଏକ ନ୍ୟାୟସଙ୍ଗତ ସୁଯୋଗ ପାଇବାର ସମ୍ଭାବନା ଦୁଇଗୁଣ ଅଧିକ ପ୍ରଦାନ କରୁଛି।

## ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଉଦୀୟମାନ କ୍ଷେତ୍ରକୁ ଫାଇନାନ୍ସ ପ୍ରଦାନ ପାଇଁ 'ଚକ୍ର-ଉତ୍କର୍ଷ କେନ୍ଦ୍ର'ର ଶୁଭାରମ୍ଭ

**ଭୁବନେଶ୍ୱର:** ଭାରତର ସର୍ବବୃହତ ରାଷ୍ଟ୍ରାୟତ ବ୍ୟାଙ୍କ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଦେଶର ଅର୍ଥନୈତିକ ରୂପାନ୍ତରଣ ପାଇଁ ଗୁରୁତ୍ୱପୂର୍ଣ୍ଣ ଉଦୀୟମାନ କ୍ଷେତ୍ରଗୁଡ଼ିକୁ ଫାଇନାନ୍ସ ଯୋଗାଇ ଦେବା ପାଇଁ ଚକ୍ର-ଉତ୍କର୍ଷ କେନ୍ଦ୍ରର ଶୁଭାରମ୍ଭ କରାଯାଇଛି। ଏହା ଜରିଆରେ ବ୍ୟାଙ୍କ ବିକଶିତ ଭାରତ ୨୦୪୭ ପ୍ରତି ଏହାର ପ୍ରତିବଦ୍ଧତା ଜଣାଇଛି। ଏହି କେନ୍ଦ୍ର ପରବର୍ତ୍ତୀ ପିଢ଼ି, ପ୍ରଯୁକ୍ତି ଆଧାରିତ ଏବଂ ସ୍ଥାୟିତ୍ୱ ଉପରେ ଧ୍ୟାନ ଦେଉଥିବା ଉଦୀୟମାନ କ୍ଷେତ୍ରଗୁଡ଼ିକୁ ପାଣ୍ଠି ପ୍ରଦାନ କରିବ।

ଏହି ପୁଞ୍ଜି ସମ୍ବେଦନଶୀଳ କ୍ଷେତ୍ରଗୁଡ଼ିକୁ ଦାୟିତ୍ୱବାନ ଭାବେ ପାଣ୍ଠି ପ୍ରଦାନ କରି, ବିପଦ ଆକଳନ ଦକ୍ଷତାକୁ ଦୃଢ଼ କରିବ ଏବଂ ଉଦୀୟମାନ ବ୍ୟବସାୟ ମଡେଲ ଓ ନୀତି ନିୟମ ପ୍ରାଥମିକତା ଅନୁସାରେ ଅଭିନବ ଫାଇନାନ୍ସ ଢ଼ାଂଚାକୁ ସମନ୍ୱିତ କରିବା ଉପରେ ଷ୍ଟେଟ୍ ବ୍ୟାଙ୍କ ଗୁରୁତ୍ୱାରୋପ କରୁଛି।

ଏସବିଆଇ ଅଧ୍ୟକ୍ଷ ଶ୍ରୀ ଚେଲ୍ଲା ଶ୍ରୀନିବାସୁଲୁ ସେଟ୍ଟିଙ୍କ ଉପସ୍ଥିତିରେ ଏହି କେନ୍ଦ୍ରକୁ ଆର୍ଥିକ ସେବା ବିଭାଗର ସଚିବ ଶ୍ରୀ ଏମ ନାଗରାଜୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକମାନେ ଏବଂ ଅନ୍ୟ ରାଷ୍ଟ୍ରାୟତ ବ୍ୟାଙ୍କ ଓ ବିଶ୍ୱସ୍ତରୀୟ ବ୍ୟାଙ୍କ, ଅଗ୍ରଣୀ ବ୍ୟବସାୟ ପ୍ରତିଷ୍ଠାନ, ଆର୍ଥିକ ଅନୁଷ୍ଠାନ, ଶିଳ୍ପ ସଂଘ ଓ ଅନ୍ୟ ପ୍ରମୁଖ ଅଂଶୀଦାରଙ୍କ ପ୍ରତିନିଧି ଉପସ୍ଥିତ ଥିଲେ।




ଏହି ଅବସରରେ ଭାରତ ସରକାରଙ୍କ ଆର୍ଥିକ ସେବା ବିଭାଗର ସଚିବ ଶ୍ରୀ ଏମ ନାଗରାଜୁ କହିଛନ୍ତି ଯେ, "ଚକ୍ର-ଉତ୍କର୍ଷ କେନ୍ଦ୍ର ହେଉଛି ଭାରତୀୟ ଷ୍ଟେଟ ବ୍ୟାଙ୍କର ଏକ ଚମତ୍କାର ଅଭିଯାନ। ଏହି କେନ୍ଦ୍ରର ଲକ୍ଷ୍ୟ ହେଉଛି ଜ୍ଞାନ ଆଦାନପ୍ରଦାନ, ପ୍ରକଳ୍ପ ଅନୁଶୀଳନ, ଦକ୍ଷତା ଗଠନ ଓ ପ୍ରମାଣ ଆଧାରିତ ନୀତି ଆଲୋଚନା ଆଦି ସହ ଏକ ସମନ୍ୱିତ ପ୍ଲାଟଫର୍ମରେ ପରିଣତ ହୋଇ ଭାରତର ପ୍ରଗତିକୁ ଅର୍ଥପୂର୍ଣ୍ଣ ଢଙ୍ଗରେ ବିକଶିତ ଭାରତ ୨୦୪୭ ଆଡ଼କୁ ଅଗ୍ରସର କରାଇବା।"

ଏହି କେନ୍ଦ୍ର ଅକ୍ଷୟ ଶକ୍ତି, ଆଡଭାନ୍ସଡ ସେଲ କେମିଷ୍ଟ୍ରି ଆଣ୍ଡ ବ୍ୟାଟେରି ଷ୍ଟୋରେଜ, ଇଲେକ୍ଟ୍ରିକ ଗମନାଗମନ, ଗ୍ରିନ ହାଇଡ୍ରୋଜନ, ସେମିକଣ୍ଡକ୍ଟର, ଡିକାର୍ବନାଇଜେସନ, ସ୍ମାର୍ଟ ଭିତ୍ତିଭୂମି ଓ ଡାଟା ସେଂଟର ଭିତ୍ତିଭୂମି ଭଳି ଆଠଟି ଉଦୀୟମାନ କ୍ଷେତ୍ର ଉପରେ ଗୁରୁତ୍ୱାରୋପ କରିବ। ଏହି କ୍ଷେତ୍ରଗୁଡ଼ିକ ଭାରତର ଅର୍ଥନୈତିକ ଭବିଷ୍ୟତକୁ ଆଗକୁ ବଢ଼ାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ। ୨୦୩୦ ସୁଦ୍ଧା ଏହି ଆଠଟି ଉଦୀୟମାନ କ୍ଷେତ୍ର ୧୦୦ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆବଶ୍ୟକ କରୁଛନ୍ତି। ଏହି କେନ୍ଦ୍ର ସେହି ବିପୁଳ ନିବେଶକୁ ସକ୍ଷମ କରିବ।

ଏହି ଅବସରରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଅଧ୍ୟକ୍ଷ ଶ୍ରୀ ଚେଲ୍ଲା ଶ୍ରୀନିବାସୁଲୁ ସେଟ୍ଟି କହିଛନ୍ତି ଯେ, "ଆଗାମୀ ଦଶନ୍ଧିରେ ଭାରତର ଅଭିବୃଦ୍ଧି ନବସୃଜନ, ସ୍ଥାୟିତ୍ୱ ଓ ଅତ୍ୟାଧୁନିକ ବିନିର୍ମାଣ ଦ୍ୱାରା ପରିଚାଳିତ ହେବ। ଚକ୍ର ସହିତ ଉଦୀୟମାନ କ୍ଷେତ୍ରକୁ ବୁଝିବାରେ ନିଜର ସଂସ୍ଥାଗତ ଦକ୍ଷତାକୁ ଏସବିଆଇ ସୁଦୃଢ଼ କରୁଥିବା ବେଳେ ସ୍ୱତନ୍ତ୍ର ଫାଇନାନ୍ସ ସମାଧାନ ପ୍ରସ୍ତୁତ କରୁଛି ଏବଂ ଭାରତର ବିକାଶ ଯାତ୍ରା ପ୍ରତି ଅର୍ଥପୂର୍ଣ୍ଣ ଯୋଗଦାନ ଦେଉଥିବା ପ୍ରକଳ୍ପଗୁଡ଼ିକୁ ସକ୍ଷମ କରିବା ପାଇଁ ବ୍ୟବସ୍ଥା ସହ ସହଯୋଗିତା କରୁଛି। ଏହି ଉତ୍କର୍ଷ କେନ୍ଦ୍ର ନୂଆ ପିଢ଼ିର ପ୍ରଯୁକ୍ତି ଓ ଜଳବାୟୁ ଫାଇନାନ୍ସରେ ଏସବିଆଇର ନେତୃତ୍ୱକୁ ସୁଦୃଢ଼ କରିବା ସହ ବିଶ୍ୱ ମୂଲ୍ୟ ଶୃଙ୍ଖଳ ସହ ଭାରତର ସମନ୍ୱୟକୁ ବଢ଼ାଉଥିବା ବେଳେ ବିକଶିତ ଭାରତ ୨୦୪୭ ଆଡ଼କୁ ପ୍ରଗତିକୁ ତ୍ୱରାନ୍ୱିତ କରୁଛି।"

ଚକ୍ର ପକ୍ଷରୁ ଶ୍ୱେତପତ୍ର, କ୍ଷେତ୍ର ଭିତ୍ତିକ ରିପୋର୍ଟ, ଜ୍ଞାନ ସିରିଜ, ଶିଳ୍ପ ରାଉଣ୍ଡଟେବୁଲ ଓ ନୀତି ଆଲୋଚନା ଜରିଆରେ କ୍ଲାଏଂଟ, ନିବେଶକ ଓ ନୀତି ନିର୍ଦ୍ଧାରକମାନଙ୍କ ପାଇଁ ଉଲ୍ଲେଖନୀୟ ଫଳାଫଳ ପ୍ରଦାନ କରିବ। ବିକାଶମୂଳକ ଫାଇନାନ୍ସ ଅନୁଷ୍ଠାନ, ବହୁମୁଖୀ ଏଜେନ୍ସି, ବ୍ୟାଙ୍କ, ଏନବିଏଫସି, ଶିଳ୍ପ ସଂଘ, କର୍ପୋରେଟ, ଷ୍ଟାର୍ଟଅପ, ଶିକ୍ଷାନୁଷ୍ଠାନ ଓ ନୀତି ବିଚାରକ ସଂସ୍ଥା ସହ ଏହା ଢ଼ାଂଚାଗତ ଆଲୋଚନାର ସୁବିଧା ପ୍ରଦାନ କରିବ। ଚକ୍ର ଜରିଆରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଭାରତର ସ୍ଥାୟୀ ଓ ପ୍ରଯୁକ୍ତି ଆଧାରିତ ଭବିଷ୍ୟତକୁ ଆଗକୁ ବଢ଼ାଉଥିବା କ୍ଷେତ୍ରକୁ ପୁଞ୍ଜି ପ୍ରବାହରେ ଉନ୍ନତି ଆଣିବା ଲାଗି ଦୃଢ଼ ଦକ୍ଷତା ଗଠନ କରିବା ଏବଂ ନବସୃଜନ ଆଧାରିତ ସଂସ୍ଥାଗୁଡ଼ିକୁ ସମର୍ଥନ ଦେବାକୁ ଲକ୍ଷ୍ୟ ରଖିଛି।

## ଆଇଜିଆଇ ଏଜିଏଲ୍‌କୁ ଅଧିଗ୍ରହଣ ସହ ରଙ୍ଗୀନ ଜେମ୍‌ଷ୍ଟୋନ୍ ପ୍ରମାଣନରେ ଏହାର ବିଶ୍ୱସ୍ତରୀୟ ପାଦଚିହ୍ନର ସଂପ୍ରସାରଣ କରୁଛି

**ନ୍ୟୁୟର୍କ / ମୁମ୍ବାଇ :** ବିଶ୍ୱର ସର୍ବବୃହତ ଏବଂ ସବୁଠାରୁ ବିଶ୍ୱସ୍ତ ସ୍ୱାଧୀନ ହୀରା ଗ୍ରେଡିଂ ଏବଂ ପ୍ରମାଣପତ୍ର ସଂଗଠନ ମଧ୍ୟରୁ ଗୋଟିଏ, ଇଂଟରନ୍ୟାସନାଲ୍ ଜେମୋଲୋଜିକାଲ୍ ଇନଷ୍ଟିଚ୍ୟୁଟ୍ (ଆଇଜିଆଇ), ଆଜି ରଙ୍ଗୀନ-ଜେମଷ୍ଟୋନ୍ ବିଶ୍ଳେଷଣ ଏବଂ ଉତ୍ପତି ରିପୋର୍ଟିଂରେ ଏକ ବିଶ୍ୱସ୍ତରୀୟ ଲିଡର ଆମେରିକାନ୍ ଜେମୋଲୋଜିକାଲ୍ ଲାବୋରେଟୋରୀ (ଏଜିଏଲ୍) ର ଅଧିଗ୍ରହଣ ଘୋଷଣା କରିଛି। ଏହି କାରବାର ରଙ୍ଗୀନ ରତ୍ନପଥରରେ ଗଭୀରତମ ବୈଜ୍ଞାନିକ ବିଶେଷଜ୍ଞତା ସହିତ ଅତୁଳନୀୟ ବିଶ୍ୱସ୍ତରୀୟ ସ୍କେଲ ଏବଂ ଭିତିଭୂମିକୁ ଏକତ୍ରିତ କରେ, ବିଶ୍ୱସ୍ତରୀୟ ମଣି ଏବଂ ଅଳଙ୍କାର ଶିଳ୍ପରେ ପ୍ରମାଣପତ୍ର ଏବଂ ବିଶ୍ୱାସର ଅଗ୍ରଭାଗରେ ମିଳିତ ଗୋଷ୍ଠୀକୁ ସ୍ଥାନିତ କରେ।

ଏହି ଅଧିଗ୍ରହଣ ଏକ ବିଶ୍ୱସ୍ତରୀୟ ପ୍ରମାଣପତ୍ର ପ୍ଲାଟଫର୍ମ ସୃଷ୍ଟି କରେ ଯାହା ଆଇଜିଆଇ ର ଶିଳ୍ପ-ଅଗ୍ରଣୀ ସ୍କେଲ, ଭିତିଭୂମି ଏବଂ ବଜାର ପହଂଚକୁ ଏଜିଏଲ୍ ର ଗଭୀର ବୈଜ୍ଞାନିକ ବିଶେଷଜ୍ଞତା ଏବଂ ରଙ୍ଗୀନ ରତ୍ନପଥରରେ ଅଗ୍ରଣୀ ନେତୃତ୍ୱ ସହିତ ମିଶ୍ରଣ କରେ। ଏକତ୍ର, ଆଇଜିଆଇ ଏବଂ ଏଜିଏଲ୍ ବିଶ୍ୱସ୍ତରୀୟ ମଣି ଏବଂ ଅଳଙ୍କାର ଶିଳ୍ପରେ ବର୍ଦ୍ଧିତ ବିଶ୍ୱାସ, ସ୍ୱଚ୍ଛତା ଏବଂ ନବସୃଜନ ପ୍ରଦାନ କରିବ, ଯେତେବେଳେ ଉଭୟ ସଂଗଠନକୁ ଆଧାର କରୁଥିବା ବୈଜ୍ଞାନିକ ସ୍ୱାଧୀନତା ଏବଂ ଅଖଣ୍ଡତାକୁ ସଂରକ୍ଷଣ କରିବ।

ଆଇଜିଆଇ ର ମ୍ୟାନେଜିଂ ଡାଇରେକ୍ଟର ଏବଂ ଗ୍ଲୋବାଲ୍ ଚିଫ୍ ଏକ୍‌ଜିକ୍ୟୁଟିଭ୍ ଅଫିସର ତେହମାସ୍ପ ପ୍ରିଂଟର କୁହନ୍ତି: ଏହା ଶିଳ୍ପ ପାଇଁ ଏକ ପରିବର୍ତ୍ତନଶୀଳ ପଦକ୍ଷେପ। ରଙ୍ଗୀନ ରତ୍ନପଥରରେ ଏଜିଏଲ୍ ର ବୈଜ୍ଞାନିକ ନେତୃତ୍ୱକୁ ଆଇଜିଆଇର ବିଶ୍ୱସ୍ତରୀୟ ପ୍ଲାଟଫର୍ମ ସହିତ ମିଶ୍ରଣ କରି, ଆମେ ଏକ ଭବିଷ୍ୟତ-ପ୍ରସ୍ତୁତ ପ୍ରମାଣନ ଇକୋସିଷ୍ଟମ ନିର୍ମାଣ କରୁଛୁ ଯାହା ଅଖଣ୍ଡତା କିମ୍ବା ବିଜ୍ଞାନ ସହିତ କୌଣସି ପ୍ରକାରର ବୁଝାମଣା ନକରି ପରିମାଣ ପ୍ରଦାନ କରେ। ଏକାଠି, ଆମେ ଜେମଷ୍ଟୋନ୍ ପ୍ରମାଣପତ୍ରରେ ବିଶ୍ୱାସ, ସ୍ୱଚ୍ଛତା ଏବଂ ସ୍ଥିରତା ପାଇଁ ଏକ ନୂତନ ବିଶ୍ୱସ୍ତରୀୟ ମାନଦଣ୍ଡ ସ୍ଥାପନ କରୁଛୁ।

## ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପକ୍ଷରୁ ବୋଲ୍ଡ ନୂଆ ଡିଓ ୧୨୫ ଏକ୍ସ-ଏଡିସନ୍ ଓ ଶାଇନ୍ ୧୨୫ ଲିମିଟେଡ୍ ଏଡିସନ୍ ଉନ୍ମୋଚିତ

**ନୂଆଦିଲ୍ଲୀ:** ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ଲିମିଟେଡ୍ (ଏଚଏମଏସଆଇ) ପକ୍ଷରୁ ଆଜି ଦୁଇଟି ନୂଆ ଉତ୍ପାଦ ଡିଓ ୧୨୫ ଏକ୍ସ-ଏଡିସନ୍, ମୂଲ୍ୟ ୮୭,୭୩୩ ଟଙ୍କା ଓ ଶାଇନ୍ ୧୨୫ ଲିମିଟେଡ୍ ଏଡିସନ୍, ମୂଲ୍ୟ ୮୬,୨୧୧ ଟଙ୍କା (ଦିଲ୍ଲୀ-ଏକ୍ସ ସୋ'ରୁମ୍) କୁ ଉନ୍ମୋଚନ କରାଯାଇଛି। ଆଜିକାଲିର ଉଦୀୟମାନ ଚାଳକଙ୍କ ପାଇଁ ପ୍ରସ୍ତୁତ କରାଯାଇଥିବା ଉଭୟ ସ୍ୱତନ୍ତ୍ର ଏଡିସନ୍‌ର ଗାଡ଼ି ସତେଜ ପରିଚୟ, ଆକର୍ଷଣୀୟ ନୂଆ ଗ୍ରାଫିକ୍ସ ଓ ପ୍ରିମିୟମ ଡିଜାଇନ ଉନ୍ନତି ସହ ଆସିଛି ଯାହା ଦ୍ରୁତ ଅଭିବୃଦ୍ଧିଶୀଳ ଭାରତୀୟ ଦୁଇଚକିଆ ଯାନ ବଜାରରେ ସେମାନଙ୍କ ଉପସ୍ଥିତିରେ ଉନ୍ନତି ଆଣିବ।

ନୂଆ ସ୍ୱତନ୍ତ୍ର ଏଡିସନ ଉନ୍ମୋଚନ କରି ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ଶ୍ରୀ ସୁଟସୁମୁ ଓଟାନି କହିଛନ୍ତି ଯେ, "ହୋଣ୍ଡାରେ ଆମେ ସର୍ବଦା ଏଭଳି ଉତ୍ପାଦ ଆଣିବାକୁ ଉଦ୍ୟମ କରୁଛୁ ଯାହା ଭାରତର ନୂଆ ପିଢ଼ିର ଚାଳକଙ୍କ ଆକାଂକ୍ଷା ସହ ଖାପଖାଉଥିବ। ସମ୍ପୂର୍ଣ୍ଣ ନୂଆ ଡିଓ ୧୨୫ ଏକ୍ସ ଏଡିସନ ଓ ଶାଇନ୍ ୧୨୫ ଲିମିଟେଡ ଏଡିସନ ଷ୍ଟାଇଲର ନୂଆ ପରିପ୍ରକାଶ ପାଇଁ ଆମର ରହିଥିବା ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଥିବା ବେଳେ ହୋଣ୍ଡାରୁ ଗ୍ରାହକମାନେ ଆଶା କରୁଥିବା ଭରସାଯୋଗ୍ୟତା ଓ ବିଶ୍ୱାସକୁ ବଜାୟ ରଖିଛି। ଏହି ଲିମିଟେଡ୍ ଏଡିସନ୍‌ରେ ପ୍ରତିକ୍ରିୟାଶୀଳ ଡିଜାଇନ ସହିତ ହୋଣ୍ଡାର ବିଶ୍ୱସନୀୟ ଗୁଣାତ୍ମକ ମାନ ରହିଛି ଯାହା ପ୍ରତିଟି ରାଇଡ୍‌କୁ ବିଶ୍ୱସନୀୟ ଓ ନିରବଚ୍ଛିନ୍ନ କରିବ।''



ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ଲିମିଟେଡ୍‌ର ନିର୍ଦ୍ଦେଶକ-ବିକ୍ରି ଓ ମାର୍କେଟିଂ ଶ୍ରୀ ଯୋଗେଶ ମାଥୁର କହିଛନ୍ତି ଯେ, "ହୋଣ୍ଡାର ନିଜସ୍ୱ ଜେନ-ଜେଡ୍ ଡିଜାଇନ ଟିମ୍ ଦ୍ୱାରା ବିକାଶ କରାଯାଇଥିବା ଡିଓ ୧୨୫ ଏକ୍ସ-ଏଡିସନ ଏକ ଶକ୍ତିଶାଳୀ ଓ ଯୁବସୁଲଭ ଶକ୍ତିକୁ ଆକାର ପ୍ରଦାନ କରିଛି ଯାହାକୁ ଆଜିର ଯୁବ ଚାଳକଙ୍କ ବ୍ୟକ୍ତିତ୍ୱକୁ ପ୍ରତିଫଳିତ କରିବାକୁ ଗଠନ କରାଯାଇଛି। ଶାଇନ୍ ୧୨୫ ଲିମିଟେଡ୍ ଏଡିସନ ଏକ ସ୍ୱଚ୍ଛ ଓ ଅସୀମ ଡିଜାଇନ ଦର୍ଶନକୁ ଗ୍ରହଣ କରିଛି ଯାହା ମୋଟରସାଇକଲ୍‌ର ସ୍ପଷ୍ଟ ଢ଼ାଂଚାଗତ ଆକାର ଏବଂ ଉନ୍ନିତିର ଭାବ ଉପରେ ଆଲୋକପାତ କରୁଛି। ଏହି ନୂଆ ଏଡିସନନ୍ ସହିତ ଆମେ ଚାଳକମାନଙ୍କୁ ଷ୍ଟାଇଲ, ଆରାମ ଓ ନୀତିଦିନିଆ ପ୍ରତିଶ୍ରୁତିର ଏକ ମିଶ୍ରଣ ପ୍ରଦାନ କରିବା ଏବଂ ସଡ଼କରେ ସେମାନଙ୍କୁ ପରିପ୍ରକାଶ କରିବାର ବିଶ୍ୱାସ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ। ଉଭୟ ମଡେଲ୍ ହୋଣ୍ଡା ଦେଉଥିବା ଗୁରୁତ୍ୱ ଚିନ୍ତାଶୀଳ ଡିଜାଇନ ଓ ଗାଡ଼ିଚାଳନା ଅନୁଭୂତି ଉପରେ ପର୍ଯ୍ୟବେସିତ ରହିଛି ଯାହା ସୁରକ୍ଷିତ ଓ ସମସ୍ତଙ୍କ ପାଇଁ ବୋଲି ମନେ ହେଉଛି।''

ବଡି ପ୍ୟାନେଲ୍‌ରେ ସ୍ୱତନ୍ତ୍ର ଏକ୍ସ-ଏଡିସନ୍ ଗ୍ରାଫିକ୍ସ ସହିତ ଡିଓ ୧୨୫ ଏକ୍ସ-ଏଡିସନ୍ ଏକ ନୂଆ ବ୍ୟକ୍ତିତ୍ୱ ପରିପ୍ରକାଶ କରୁଥିବା ବେଳେ ଏହାର ସିଲୋଏଟ୍‌କୁ ଶକ୍ତିଶାଳୀ ଓ ଯୁବ ସୁଲଭ ଭାବ ପ୍ରଦାନ କରୁଛି। ଏହାର ଡୁଆଲ ଟୋନ୍ ରଙ୍ଗ ସ୍କିମ୍ ପର୍ଲ ଡିପ୍ ଗ୍ରାଉଣ୍ଡ ଗ୍ରେ ସହିତ ପର୍ଲ ସାଇରନ୍ ବ୍ଲୁ ରଙ୍ଗରେ ଉପଲବ୍ଧ ଯାହା ସାଇବର୍ ଡ୍ରିଫ୍ଟ୍ ଥିମ୍‌ରୁ ଅନୁପ୍ରାଣିତ ହୋଇଥିବା ବେଳେ ଏହି ସ୍କୁଟରକୁ ଏକ ଶକ୍ତିଶାଳୀ ଭାବ ପ୍ରଦାନ କରୁଛି।

ସ୍ପୋର୍ଟି ଅପିଲ୍ ସହିତ ଏକ୍ସ-ଏଡିସନ୍‌ରେ ମ୍ୟାଟ୍ ଫ୍ରାସ୍ ରଙ୍ଗ ସହ ରଙ୍ଗିନ ଆଲୟ ହ୍ୱିଲ୍ ରହିଛି ଯାହା ଦୃଷ୍ଟି ଆକର୍ଷଣ କରୁଛି। ଅନ୍ୟ ପଟେ ଏକ୍ସ-ଏଡିସନ୍ ଡେକାଲ୍ 'ଏକ୍ସ-ଫ୍ୟାକ୍ଟର' ଉପରେ ଆଲୋକପାତ କରୁଛି ଯାହା ସ୍କୁଟରର ପ୍ରତିପ୍ରକାଶ ଓ ସ୍ୱାଧୀନ ଭାବନାକୁ ଦର୍ଶାଉଛି ଯାହା ଜେନ୍-ଜେଡ୍ ଓ ଯୁବ କର୍ମଜୀବୀ ଚାଳକମାନଙ୍କ ପାଇଁ ଉପଯୁକ୍ତ ଯେଉଁମାନେ ନିଜକୁ ବିଶ୍ୱାସୀ ଓ ବ୍ୟକ୍ତିତ୍ୱ ଭାବେ ପରିପ୍ରକାଶ କରିବାକୁ ଚାହାନ୍ତି।

ଶାଇନ୍ ୧୨୫ ଲିମିଟେଡ୍ ଏଡିସନ୍ ଭାରତର ଅନ୍ୟତମ ସବୁଠୁ ବିଶ୍ୱସନୀୟ ଓ ପ୍ରଶଂସନୀୟ ୧୨୫ ସିସି ମୋଟରସାଇକଲର ସ୍ଥିତିକୁ ଆଗକୁ ବଢ଼ାଉଥିବା ବେଳେ ଏବେ ତାହା ଆଧୁନିକ, ମିନିମାଲିଷ୍ଟ ଥିମ୍ ସହ ଆସିଛି ଯାହା ଏକ ସ୍ୱଚ୍ଛ ସରଳତାର ଭାବକୁ ଜଣାଉଥିବା ବେଳେ ମୋଟରସାଇକଲ୍‌ଟିକୁ ପ୍ରିମିୟମ, ଆରାମଦାୟକ ଓ ସହଜରେ ରଖିଲା ଭଳି ପରିଣତ କରିଛି।

ଶାଇନ୍ ୧୨୫ ଲିମିଟେଡ୍ ଏଡିସନ୍‌ରେ ନୂଆ ପ୍ରିମିୟମ୍ ଗ୍ରାଫିକ୍ସ ରହିଛି ଯାହା ମଡେଲ୍‌ର ଆଇକନିକ୍ ପରିଚୟକୁ ବଜାୟ ରଖିଥିବା ବେଳେ ଏକ ଅଧିକ ଉନ୍ନତ ଭିଜୁଆଲ ଚରିତ୍ରକୁ ଉପସ୍ଥାପନ କରିଛି। ପର୍ଲ ସାଇରନ ବ୍ଲୁ ରଙ୍ଗରେ ଉପଲବ୍ଧ ହୋଇଥିବା ଏହି ଲିମିଟେଡ୍ ଏଡିସନ୍‌ରେ ପାଇରାଇଟ୍ ବ୍ରାଉନ୍ ଫିନିସଡ୍ ଆଲୟ ହ୍ୱିଲ୍ ରହିଛି ଯାହା ଏହାକୁ ସମ୍ଭ୍ରାନ୍ତ ସ୍ୱର୍ଶ ପ୍ରଦାନ କରୁଛି। ଏହି ଡିଜାଇନ ଏକ 'ସ୍ୱଚ୍ଛ ସରଫେସ୍ ଲୁକ୍' ଉପରେ ଗୁରୁତ୍ୱାରୋପ କରୁଥିବା ବେଳେ କାର୍ଯ୍ୟଦକ୍ଷତା ଓ ସରଳତାକୁ ଉପସ୍ଥାପନ କରୁଛି।''

ସତେଜ, ଡାଇନାମିକ ଓ ପ୍ରିମିୟମ ଅପିଲ ପ୍ରଦାନ କରିବା ପାଇଁ ନୂଆ ଡିଓ ୧୨୫ ଏକ୍ସ-ଏଡିସନ ଓ ଶାଇନ୍ ୧୨୫ ଲିମିଟେଡ ଏଡିସନକୁ ପ୍ରସ୍ତୁତ କରାଯାଇଛି। ଏହି ନୂଆ ଏଡିସନଗୁଡ଼ିକ ସହିତ ଏଚଏମଏସଆଇ ସାରା ଦେଶର ଚାଳକମାନଙ୍କୁ ଉନ୍ନତ ଗମନାଗମନ ସୁବିଧା ପ୍ରଦାନ କରିବା ଜାରି ରଖିଛି।

# ଗ୍ରୀଷ୍ମ ପୂର୍ବରୁ ଜଙ୍ଗଲ ନିଆଁ ରୋକିବାକୁ ପ୍ରାକ୍ ପ୍ରସ୍ତୁତି

**ଭୁବନେଶ୍ୱର:** ଗ୍ରୀଷ୍ମ ଋତୁ ଆସିବା ପୂର୍ବରୁ ଓଡ଼ିଶାର ସବୁଜ ବନାନୀକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ବନ ବିଭାଗ ପକ୍ଷରୁ ଅଣ୍ଟା ଭିଡ଼ାଯାଇଛି। ଏଥର ଜଙ୍ଗଲ ନିଆଁକୁ ରୋକିବା ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ଓ ସ୍ଥାନୀୟ ସଜାଗତା ଉପରେ ଗୁରୁତ୍ୱ ଦେଇଛନ୍ତି ପିସିସିଏଫ୍ ।



## ଜାଣିଶୁଣି ନିଆଁ ଲଗେଇଲେ କାର୍ଯ୍ୟାନୁଷ୍ଠାନ ଚେତାବନୀ

ଜଙ୍ଗଲ ମଧ୍ୟରେ କେଉଁଠି ନିଆଁ ଲାଗିଛି, ତାହା ଖୁବ୍ ଶୀଘ୍ର ଜାଣିବା ପାଇଁ ଏଥର ମିନି ଡ୍ରୋନ୍ ବ୍ୟବହାର କରାଯାଉଛି। ବିଶେଷ କରି ଶିମିଳିପାଳ ଭଳି ଅଭୟାରଣ୍ୟ ଓ ରାଉରକେଲାର ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ହାଇ-ରିଜୋଲ୍ୟୁସନ୍ କ୍ୟାମେରା ଜରିଆରେ ନଜର ରଖାଯାଉଛି।

ନିଆଁ ଯେପରି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନବ୍ୟାପିବ, ସେଥିପାଇଁ ରାଜ୍ୟରେ ପ୍ରାୟ ୨୦,୪୬୧ଟି ଫାୟାର ଲାଇନ ସୃଷ୍ଟି କରାଯାଇଛି। ଏହା ଜଙ୍ଗଲ ମଧ୍ୟରେ ଏକ ପ୍ରତିବନ୍ଧକ ଭାବେ କାମ କରିବ। ଜଙ୍ଗଲ ହେଉଛି ଆମ ସମ୍ପତ୍ତି। ଏଣୁ କୌଣସି ସ୍ଥାନରେ ନିଆଁ ଲାଗିଥିବାର ଦେଖିଲେ ତୁରନ୍ତ ସହାୟତା ପାଇଁ ବନ ବିଭାଗ ଏକ ଟୋଲ୍ ଫ୍ରି ନମ୍ବର ଜାରି କରିଛି। ଉକ୍ତ ନମ୍ବରଟି ହେଉଛି ୧୮୦୦୩୪୫୭୧୫୮। କେତେକ ଅସାମାଜିକ ବ୍ୟକ୍ତି ବା ଜାଣିଶୁଣି ଜଙ୍ଗଲରେ ନିଆଁ ଲଗାଉଥିବା ଲୋକଙ୍କୁ ପିସିସିଏଫ୍ ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ଯଦି କେହି ଜାଣିଶୁଣି ନିଆଁ ଲଗାନ୍ତି, ତେବେ ସେମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# କୋଟିଏ ଟଙ୍କାର ଗଞ୍ଜେଇ ଜବତ, ୫ ଅଟକ

**ଶାଳଚୁଆ:** ଗଞ୍ଜେଇ ଚାଲାଣର ନୂଆ ତରିକା। କୋବିର ଚାହିଦା ସମୟରେ କୋବିକୁ ଢାଲ କରି ହେଉଥିଲା ଗଞ୍ଜେଇ

## ଖସିଗଲେ ଦୁଇ ଗଞ୍ଜେଇ ମାଫିଆ

ଚାଲାଣ ଆଉ ଗଞ୍ଜେଇ ଗାଡ଼ିକୁ ସୁରକ୍ଷା ଦେଉଥିଲା ଏକ ସ୍କର୍ପିଓ। ରାତି ତମାମ ଗାଡ଼ିକୁ ପିଛା କରିବା ପରେ ଶେଷରେ ମାଡ଼ିବସିଲା ଏନସିବିର ସ୍ପେସିଆଲ ସ୍କ୍ୱାର୍ଡ। ଜବତ କରିଲେ ୨୩ ବସ୍ତା ଗଞ୍ଜେଇ। କପ୍ତିପଦା ଥାନା ନୂଆସାହି ଭରଡାଛକ ନିକଟରେ ମାଡ଼ିବସିଲା ଏନସିବି।




କେଉଁଝର ଅଞ୍ଚଳରୁ ଏକ ପିକଅପରେ ତଳେ ଗଞ୍ଜେଇ ବସ୍ତା ରଖିବା ସହିତ ଉପରେ କୋବି ରଖି ତାକୁ ଚୋରା ଚାଲାଣ କରୁଥିଲେ ଗଞ୍ଜେଇ ମାଫିଆ। କେଉଁଝରରୁ କପ୍ତିପଦା ହୋଇ ବାରିପଦା ଆସୁଥିଲା ଗଞ୍ଜେଇ। ଗଞ୍ଜେଇ ଗାଡ଼ିକୁ କପ୍ତିପଦା ନୂଆସାହି ଭରଡା ଛକ ନିକଟରେ ମାଡ଼ି ବସିଥିଲା ଏନସିବି ଟିମ୍। ଏହା ସହିତ ଗଞ୍ଜେଇ ଗାଡ଼ିକୁ ସୁରକ୍ଷା ଦେଉଥିବା ଏକ ସ୍କର୍ପିଓକୁ ମଧ୍ୟ ଏନସିବି ଅଟକାଇଥିବା ବେଳେ ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ତେବେ ଘଟଣା ସ୍ଥଳରୁ ଦୁଇ ଜଣ ଗଞ୍ଜେଇ ମାଫିଆ ଖସି ଯାଇଥିବା କୁହାଯାଉଛି। ଜବତ ଗଞ୍ଜେଇର ମୂଲ୍ୟ ୧ କୋଟିରୁ ଅଧିକ ହେବ ବୋଲି କହିଛି ଏନସିବି।

# ରାଜଧାନୀରେ କୋହଲା ପାଗ



**ଭୁବନେଶ୍ୱର :** ରାଜଧାନୀରେ ସକାଳୁ ସକାଳୁ କୋହଲା ପାଗ ଅନୁଭୂତ। ତେଣୁ ସକାଳୁ ସମସ୍ତେ ଶୀତ ପୋଷାକ ପିନ୍ଧି ଗାଡି ଚାଲାଣ କରୁଛନ୍ତି। କେବଳ ରାଜଧାନୀ ଭୁବନେଶ୍ୱର ନୁହେଁ କଟକ ସହରରେ ମଧ୍ୟ ସକାଳୁ ସକାଳୁ କୁହୁଡି ସାଙ୍ଗକୁ କୋହଲା ପାଗ ଅନୁଭୂତ ହେଉଛି। ତେବେ ଆହୁରି ୨ ଦିନ ପର୍ଯ୍ୟନ୍ତ ଏହିପରି କୋହଲା ପାଗ ଟ୍ୱିନ ସିଟିରେ ଅନୁଭୂତ ହେବ ବୋଲି ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଜାରି ହୋଇଛି। ସୂଚନା ଅନୁସାରେ, ପାଣିପାଗ ବିଜ୍ଞାନ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ଦୁଇ ଦିନ ମଧ୍ୟରେ ରାଜ୍ୟରେ ଶୀତ ସମ୍ପୂର୍ଣ୍ଣ ଅଦୃଶ୍ୟ ହୋଇଯିବ। ଏପରିକି ରାତିର ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରି ବଢିବ। ଯାହାଫଳରେ ରାତି ତାପମାତ୍ରା ୧୬ ଡିଗ୍ରି ମଧ୍ୟରେ ରହିବ ବୋଲି ସୂଚନା ରହିଛି। ଭୁବନେଶ୍ୱର, କଟକ,ଭଦ୍ରକ, ଜଗତ୍‌ସିଂହପୁର, ପୁରୀ, ଗଞ୍ଜାମ, ଗଜପତି, ଖୋର୍ଦ୍ଧା, କଟକ ଜିଲ୍ଲାରେ କିଛି ପରିମାଣର ତାପମାତ୍ରା ବୃଦ୍ଧି ପାଇ ପାରେ। ଏପରିକି ଚଳିତ ବର୍ଷ ତାତି ମଧ୍ୟ ମାତ୍ରାଧିକ ବଢିପାରେ ବୋଲି ପାଣିପାଗ ସୂଚନା ଦେଇଛି।

## କୃଷକ କଲ୍ୟାଣ ମଞ୍ଚ ତରଫରୁ ଦାବିପତ୍ର

**ଜୟପୁର:** କୋରାପୁଟ ଜିଲ୍ଲା ମୁଖ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଅଧିକାରୀଙ୍କ ଜରିଆରେ ଏକ ଦାବୀପତ୍ର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ କୋରାପୁଟ ମନୋଜ ସତ୍ୟବାନ ମହାଜନଙ୍କୁ ଦେଇଛି କୃଷକ କଲ୍ୟାଣ ମଂଚ। ଏଥିରେ ରହିଥିବା ପ୍ରମୁଖ ଦାବୀ ଗୁଡ଼ିକ ମଧ୍ୟରେ ତୁରନ୍ତ ଧାନ ମଣ୍ଡି ଗୁଡିକରୁ ଧାନ ଉଠାଣ ନିମନ୍ତେ ମାସ ଓ ସାସ ପ୍ରଦାନ କରିବା ସମ୍ପର୍କେ ରହିଛି। ନିବେଦନରେ ଜିଲ୍ଲାର ବହୁ ମଣ୍ଡିରେ ମାସ ଓ ସାସ ନଥିବା ଯୋଗୁଁ ଲକ୍ଷାଧିକ କ୍ୟୁଂଟାଲ ଧାନ ବିଭିନ୍ନ ମଣ୍ଡିରେ ପଡି ରହିଛି। ତତ୍ ସହିତ ବହୁ ଚାଷୀଙ୍କ ଟୋକେନ ଆସିନାହିଁ ତୁରନ୍ତ ମଣ୍ଡି ଗୁଡିକୁ ମାସ ଓ ସାସ ପ୍ରଦାନ କରିବା ସହିତ ଚାଷୀଙ୍କ ଟୋକେନ କିଭଳି ଆସିବ ତା'ର ବ୍ୟବସ୍ଥା କରାଯାଉ । ମଣ୍ଡିରୁ ଚାଷୀଙ୍କ ଅସହାୟତାର ସୁଯୋଗ ନେଇ ମିଲର୍ସ ୫ରୁ ୧୫ କେ.ଜି. ପର୍ଯ୍ୟନ୍ତ ଅଧିକ ଧାନ କଟନୀ ଛଟଣି ବାବଦକୁ ନେଉଛନ୍ତି। ତତ୍ ସହିତ ପରିବହନ ବହନ ଖର୍ଚ୍ଚ, ହେଣ୍ଡେଲିଙ୍ଗ ଖର୍ଚ୍ଚ, ଖାଲି ଅଖା ପଇସା ଦିଆଯାଉ ଏବଂ ଏହାର ଏକ ନିରପକ୍ଷ ତଦନ୍ତ କରି ଚାଷୀଙ୍କୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ଜିଲ୍ଲାପାଳ ଲିଖିତ ଦାବୀପତ୍ର ଦେଇଛନ୍ତି। ଏହି ଦାବୀପତ୍ର ପ୍ରଦାନ ବେଳେ କୃଷକ କଲ୍ୟାଣ ମଂଚର ସମ୍ପାଦକ ନରେନ୍ଦ୍ର ପ୍ରଧାନ ଏବଂ ଅନ୍ୟାନ୍ୟ ଚାଷୀ ମାନେ ଉପସ୍ଥିତ ରହିଥିଲେ।

# ଅବକାରୀ ଚଢ଼ଉ

**ଜୟପୁର:** ଅବକାରୀ ବିଭାଗ ପକ୍ଷରୁ ଦୁଇଦିନ ମଧ୍ୟରେ ଭିନ୍ନ ଭିନ୍ନ ସ୍ଥାନରେ ଚଢାଉ କରି ଦେଶି ମଦ ଓ ବିଦେଶୀ ମଦ ଜବତ କରାଯାଇଛି। ଗତକାଲି ଜୟପୁର ସଦରଥାନା ଅନ୍ତର୍ଗତ ଟାଙ୍କୁଗୁଡା ଠାରୁ ରଣ୍ଡାପାଲି ମଦ ଚାଲାଣ କରୁଥିବା ବେଳେ ଅବକାରୀ ପୁଲିସ ରଣ୍ଡାପାଲି ନିକଟରେ ବଳରାମ ହରିଜନଙ୍କୁ ଗିରଫ କରି ତା ଠାରୁ ୬ଲିଟର ବିୟର ଜବତ କରିଛନ୍ତି। ସେହିପରି ସାନକାଉଡି ଅଂଚଳର ବିପ୍ରବଳ ଠାରୁ ୧୨ ଲିଟର ଦେଶି ମଦ ଜବତ କରିଛନ୍ତି। ସେହିପରି ଆଜି ଜୟପୁର ସଦରଥାନା ଅନ୍ତର୍ଗତ କଣ୍ଡାପୁଟ ଗ୍ରାମକୁ ଏକ ମୋଟର ସାଇକଲରେ ଦେଶି ମଦ ନେଉଥିବା ସମୟରେ ନୂଆଗୁଡା ନିକଟରେ ଜୁଲି ପୂଜାରୀ, ତ୍ରିନାଥ ବାଘ, ଦିଲ୍ଲିପ ହରିଜନ,ପୃଷ୍ଟି ମୁଦୁଲିଙ୍କ ଠାରୁ ମୋଟ ୩୭ ଲିଟର ଦେଶି ମଦ ସହ ଏକ ମୋଟର ସାଇକଲ ଜବତ କରିଥିବା ଅବକାରୀ ଅଧିକାରୀ ସୁବ୍ରତ ହିରଣ ସୂଚନା ଦେଇଛନ୍ତି।

# ୟୁଜିସି ବିଲ୍ ପ୍ରତ୍ୟାହାର ଦାବିରେ ବିକ୍ଷୋଭ

**ବଲାଙ୍ଗିର:** ସାରା ଦେଶରେ ୟୁଜିସି ବିଲକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ସମାଜରୁ ଜାତିଭେଦ ଦୂରେଇ ଥିବା ବେଳେ ନିଜେ କେନ୍ଦ୍ର ସରକାର ଜାତିଭେଦ ପ୍ରଥାକୁ ପ୍ରୋତ୍ସାହିତ କରୁଛନ୍ତି । ବିଲ୍ ରେ ଯେଉଁଳି ବ୍ୟବସ୍ଥା ରହିଛି କେବଳ ବ୍ରାହ୍ମଣ ମାନେ ଦୋଷୀ ବୋଲି ସିଧାସଳଖ ସରକାର ବିଚାର କରି କରିଛନ୍ତି ଯାହାକି ସଂପୂର୍ଣ୍ଣ ମିଥ୍ୟା ଓ ତୃଟିପୂର୍ଣ୍ଣ ବୋଲି କହି ଆଜି ବଲାଙ୍ଗୀର ଜିଲ୍ଲା ବ୍ରାହ୍ମଣ ମହାସଭା ପକ୍ଷରୁ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଛି । ବ୍ରାହ୍ମଣ ମହାସଭାର ଜିଲ୍ଲା ସଭାପତି ପ୍ରାଣ୍ୱଲ୍ଲଭ ତ୍ରିପାଠୀ, ଉପସଭାପତି କିଶୋର କୁମାର ପୁରୋହିତ ଓ ସଂପାଦକ ନରେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ନେତୃତ୍ୱରେ ଶତାଧିକ ସଭ୍ୟ ସଭ୍ୟା ଆସି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ୟୁଜିସି ବିଲ୍ କୁ କେନ୍ଦ୍ର ସରକାର ତୁରନ୍ତ ସଂପୂର୍ଣ୍ଣ ରୂପେ ପ୍ରତ୍ୟାହାର ଦାବିରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପ୍ରଶାସନକୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ୟୁଜିସି କେବଳ ଭୋଟବ୍ୟାଙ୍କ ସୃଷ୍ଟି ପାଇଁ କରାଯାଇଛି। ବିଲରେ ଜାତିଗତ ବିଦ୍ୱେଶ ସୃଷ୍ଟି କରାଯାଇ ଦେଶକୁ ଭୁଲ୍ ରାସ୍ତାରେ ନେବାକୁ ଉଦ୍ୟମ ହେଉଛି । ଆଜି ପର୍ଯ୍ୟନ୍ତଏସସି/ଏସଟି ଆଟ୍ରୋସିଟିର ବହୁଳ ମାତ୍ରାରେ ଅପବ୍ୟବହାର ହେଉଛି ଓ ଏହି ବିଲ୍ ଆସିଲେ ବିଶ୍ୱବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆହୁରି ବିଭେଦ ସୃଷ୍ଟି ହେବାକୁ ଯାଉଛି । ବିଲ୍ ରେ ଏସ/ଏସଟି, ଓବିସି ବର୍ଗର ସଭ୍ୟ ଇକ୍ୟୁଟି କମିଟିରେ ରଖାଯାଇଥିବା ବେଳେ ସାଧାରଣ ବର୍ଗର ସଭ୍ୟ ରଖିବାର ପ୍ରାବଧାନ ନାହିଁ ।

### ଦାବୀପତ୍ର ପ୍ରଦାନ

ଠିକ୍ ସେହିପରି ଯେଉଁମାନେ ଅଭିଯୋଗ କରିଥିବେ ସେମାନଙ୍କ ଅଭିଯୋଗ ମିଥ୍ୟା ପ୍ରମାଣିତ ହେଲେ ସେମାନେ ବିଲ୍ ର ଅପବ୍ୟବହାର କରିଥିବା ଅଭିଯୋଗରେ ଦଣ୍ଡିତ ହେବାର ବ୍ୟବସ୍ଥା ମଧ୍ୟ ରଖାଯାଇ ନାହିଁ । ଫଳରେ କେବଳ ସାଧାରଣ ବର୍ଗର ଛାତ୍ରଛାତ୍ରୀ ସବୁବେଳେ ଭୟର ବାତାବରଣ ମଧ୍ୟରେ ରହି ମାନସିକ ଚାପରେ ପାଠ ମଧ୍ୟ ପଢି ପାରିବେ ନାହିଁ । ଏହା ସମ୍ବିଧାନର ଧାରା ୧୪ର ସଂପୂର୍ଣ୍ଣ ଉଲ୍ଲଂଘନ ହେଉଛି ଓ ବ୍ରାହ୍ମଣମାନଙ୍କର ବଞ୍ଚିବାର ଅଧିକାରର ହନନ ହେବ ବୋଲି କୁହାଯାଇଛି । ସମ୍ବିଧାନରେ କୌଣସି ଜାତି, ବର୍ଣ୍ଣ ଓ ଧର୍ମକୁ ନେଇ ବିଭେଦ କରାଯାଇ ପାରିବ ନାହିଁ ବୋଲି ନିୟମ ରହିଥିବା ବେଳେ ୟୁଜିସି ବିଲ୍ ଏହି ନିୟମର ବିରୁଦ୍ଧାଚରଣ କରୁଛି, ତେଣୁ ତୁରନ୍ତ ଏଭଳି ବିବାଦୀୟ ବିଲ୍ କୁ ପ୍ରତ୍ୟାହାର କରାଯାଉ ବୋଲି ବ୍ରାହ୍ମଣ ମହାସଭା ଦାବି କରିଛି ।

# ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବା ପାଇଁ କନଭେନସନ୍

**ଜୟପୁର:** ଜୟପୁର ଯାଦବ ଭବନ ଠାରେ ବିଭିନ୍ନ ଶ୍ରମିକ ସଂଗଠନର ନେତୃତ୍ୱକାରୀ ପ୍ରତିନିଧି ମାନେ ଏକତ୍ରିତ ହୋଇ ଫେବୃଆରୀ ୧୨ ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବା ପାଇଁ ଶ୍ରମିକ ନେତା ନଳିନୀକାନ୍ତ ରଥଙ୍କ ସଭାପତିତ୍ୱରେ ସଭା କରି ଆଲୋଚନା କରିଛନ୍ତି । ଚାରୋଟି ଶ୍ରମ କୋଡ୍ ବାତିଲ କରିବା, କୃଷକ ମାନଙ୍କ ପାଇଁ ଏମ୍ ଏସ୍ ପି ଆଇନ୍ କରିବା, ଦରଦାମ୍ ବୃଦ୍ଧି ରୋକିବା, ବେକାରୀ ସମସ୍ୟା ସମାଧାନ, ସମ୍ବିଧାନ ସୁରକ୍ଷା ଆଦି ଦାବି ନେଇ ଆନ୍ଦୋଳନ ଡାକରା ଦିଆଯାଇଛି। ଇପିଏଫ୍ ପେନସନର୍ସ ମାନଙ୍କ ପାଇଁ ସର୍ବନିମ୍ନ ୯୦୦୦ ଟଙ୍କା ପେନସନ ଘୋଷଣା କରିବା ପାଇଁ ମୋଦୀ ସରକାର କୌଣସି ପଦକ୍ଷେପ ନେଇ ନାହିଁ। ଗରୀବ ମଧ୍ୟବିତ ଶ୍ରମଜୀବୀ ମଣିଷଙ୍କ ସମସ୍ୟାକୁ ଦେଶରେ ଧର୍ମୀୟ ଧ୍ରୁବୀକରଣ ଆଳରେ ଚାପି ଦିଆଯାଉଛି । ଚାରୋଟି ଶ୍ରମ କୋଡ୍ ଲାଗୁ ହେଲେ ଶ୍ରମିକ ମାନଙ୍କର କୌଣସି ଅଧିକାର ରହିବ ନାହିଁ । ସର୍ବନିମ୍ନ ମଜୁରୀର ପ୍ରାବଧାନ ନାହିଁ । ସବୁଠୁ ନିନ୍ଦନୀୟ ହେଲା ମହାତ୍ମାଗାନ୍ଧୀଙ୍କ ନାମରେ ଥିବା ଗ୍ରାମୀଣ ରୋଜଗାର ଗ୍ୟାରେଂଟି ଯୋଜନାକୁ ଭିବି-ଜି ରାମ୍ ଜି ନାଁ ଦେଇ ଗ୍ରାମୀଣ ଶ୍ରମିକ ମାନଙ୍କ ଠାରୁ ରୋଜଗାର ଛଡାଇ ନେଇଛି ମୋଦୀ ସରକାର। ଆନ୍ଦୋଳନକୁ ସଫଳ କରିବା ପାଇଁ ସର୍ବଶ୍ରୀ ପ୍ରମୋଦ କୁମାର ମହାନ୍ତି, ସୂର୍ଯ୍ୟ ନାରାୟଣ ବିଷୋୟୀ, ସୁବାଷ ଭଟ୍ଟାଚାର୍ଯ୍ୟ, ଯୁଧିଷ୍ଠିର ରାଉଳ, ତ୍ରିପତୀ ମାଝୀ, ଉତମ ମଲ୍ଲିକ୍, ରାମକୃଷ୍ଣ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଗଞ୍ଜାମରେ ବଢ଼ିଲା କୃଷ୍ଣସାର ମୃଗ ସଂଖ୍ୟା

**ଗଞ୍ଜାମ:** ଗଞ୍ଜାମ ଜିଲ୍ଲାରେ କୃଷ୍ଣସାର ମୃଗଙ୍କ ସଂଖ୍ୟାରେ ବୃଦ୍ଧି ଘଟିଛି। ଚଳିତ ବର୍ଷ ୪୯୮ କୃଷ୍ଣସାର ମୃଗଙ୍କ ସଂଖ୍ୟା ବଢି ୯୨୮୭ରେ ପହଞ୍ଚିଥିବା ସୂଚନା ଦିଆଯାଇଛି। ଏନେଇ ପିସିସିଏଫ୍ ଏକ୍ସରେ ସୂଚନା ଦେଇଛନ୍ତି ।

ଗଞ୍ଜାମ ଦକ୍ଷିଣ ଘୁମୁସର ଖଣ୍ଡ ଅଧୀନରେ ଥିବା ଆସିକା ବନାଞ୍ଚଳର ଜଗତି ପିଢ଼ିଆ ଓ ଏହାର ଆଖପାଖ ଅଞ୍ଚଳରେ କୃଷ୍ଣସାର ମୃଗ ଗଣନା କରାଯାଇଥିଲା । ପ୍ରଶିକ୍ଷିତ ଟିମ୍, ଡ୍ରୋନ ଓ ଏଆଇ କ୍ୟାମେରା ସହାୟତାରେ କରାଯାଇଥିବା ଗଣନାରୁ ସ୍ପଷ୍ଟ ହୋଇଚି। ବ୍ରହ୍ମପୁରରେ ୨,୮୫୬, ଘୁମୁସର ଉତ୍ତରରେ ୪୫୯ ଏବଂ ଘୁମୁସର ଦକ୍ଷିଣରେ ୫, ୯୭୨ଟି ମୃଗ ସ୍ପଷ୍ଟ ଚିହ୍ନଟ ହୋଇଛନ୍ତି ।



୨୦୨୦ରେ ମାତ୍ର ୬,୮୭୫ଟି କୃଷ୍ଣ ସାର ମୃଗ ଥିବାବେଳେ ୨୦୨୬ରେ ତାହା ୯,୨୮୭କୁ ବୃଦ୍ଧି ପାଇଛି । ୨୦୨୫ରେ ୮, ୭୮୯ଟି ମୃଗ ଚିହ୍ନଟ ହୋଇଥିଲେ । ଅନୁକୂଳ ବାତାବରଣ ରହିଲେ ଆଗକୁ ଏହି ସଂଖ୍ୟାରେ ଆହୁରି ପରିବର୍ତ୍ତନ ଦେଖାଯିବ ବୋଲି ବନ ବିଭାଗ ଆଶା ରଖିଛି ।

୨୦୧୧ ଏହି ଅଞ୍ଚଳର କୃଷ୍ଣ ସାର ମୃଗ ଗଣନା କାର୍ଯ୍ୟ ଆରମ୍ଭ ହୋଇଥିଲା । ପୂର୍ବ ଦୁଇ ବର୍ଷକୁ ଥରେ ଗଣନା କରାଯାଉଥିବା ବେଳେ ବିଗତ ବର୍ଷ ଠାରୁ ବର୍ଷକୁ ବର୍ଷକ ଏହାର ଗଣନା କରାଯାଉଛି । ପ୍ରତି ବର୍ଷ ଏହି ଅଞ୍ଚଳରେ କୃଷ୍ଣସାର ମୃଗଙ୍କ ସଂଖ୍ୟା ବଢୁଛି। କୃଷ୍ଣସାର ମୃଗ ଗଣନା ପାଇଁ ୨୮ ଦଳ ଗଠନ କରାଯାଇଥିଲା । ଟ୍ରେନର, ବ୍ରହ୍ମପୁର ଏସିଏଫ, ଆସ୍କା ରେଞ୍ଜର, ଫରେଷ୍ଟର ଓ ଫରେଷ୍ଟ ଗାର୍ଡ ସାମିଲ ହୋଇଥିଲେ।

# କାରାଭ୍ୟାନ୍ ଟୁରିଷ୍ଟ ସେବାର ଶୁଭାରମ୍ଭ




ଭୁବନେଶ୍ୱର: ଭ୍ୟାନରେ ମିଳିବ ତାରକା ହୋଟେଲର ମଜା। ଓଡ଼ିଶାରେ ଅତ୍ୟାଧୁନିକ କାରାଭ୍ୟାନ୍ ଟୁରିଷ୍ଟ ସେବାର ଶୁଭାରମ୍ଭ। ଧଉଳି ପର୍ଯ୍ୟଟନ କ୍ଷେତ୍ରରୁ ୨ୟ ପର୍ଯ୍ୟାୟ କାରାଭ୍ୟାନ୍ ଟୁରିଷ୍ଟ ସେବାର ଶୁଭାରମ୍ଭ ହୋଇଛି। ଠଏର ଯୋଜନା ଦ୍ୱାରା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁଭାରମ୍ଭ କରିଛନ୍ତି। ପର୍ଯ୍ୟଟନ କ୍ଷେତ୍ରରେ ଅତ୍ୟାଧୁନିକ ଓ ଆରାମଦାୟକ ସେବା ଯୋଗାଇବା ଏହି ଯୋଜନାର ଲକ୍ଷ୍ୟ ରହିଛି।

ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀକୁ ଅତ୍ୟାଧୁନିକ ଓ ଆରାମଦାୟକ ଯାତ୍ରା ସେବା ଯୋଗେଇବ କାରାଭ୍ୟାନ୍। ଗାଡିରେ ଶୌଚାଳୟ ଠାରୁ ଶୋଇବା ସହ କିଚେନ୍ ବ୍ୟବସ୍ଥା ରହିଛି। ସ୍ୟାଣ୍ଡ୍ ପିବେଲସ୍ ଟୁର୍ ଆଣ୍ଡ ଟ୍ରାଭେଲ ପକ୍ଷରୁ ରାଜ୍ୟ ସରକାରଙ୍କ ସହଯୋଗରେ ଏହା ସେବା ଯୋଗାଇବ। ଓଡ଼ିଶାରେ ହୀରାକୁଦ, ଡେବ୍ରିଗଡ଼, ଶିମିଳିପାଳ, ଚିଲିକା, ଭିତରକନିକାରେ ସେବା ମିଳିବ। ସାତକୋଶିଆ, ଦେଓମାଳି ଭଳି ପର୍ଯ୍ୟଟନ କ୍ଷେତ୍ରରେ ସେବା ଉପଲବ୍ଧ ହେବ।

### ମାଲ୍ୟବନ୍ତ ମହୋତ୍ସବରେ ଶାନ୍ତିଶୃଙ୍ଖଳା ରକ୍ଷାକୁ ନେଇ କଡ଼ା ପଦକ୍ଷେପ

# ୩୫ ଲିଟର ମଦ ଜବତ, ଜଣେ ଗିରଫ

**ମାଲକାନଗିରି:** ଜିଲ୍ଲାର ସାଂସ୍କୃତିକ ଗଣପର୍ବ 'ମାଲ୍ୟବନ୍ତ ମହୋତ୍ସବ' ସମୟରେ ଶାନ୍ତିଶୃଙ୍ଖଳା ରକ୍ଷାକୁ ନେଇ ପୋଲିସ ଓ ପ୍ରଶାସନ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ମହୋତ୍ସବର ତୃତୀୟ ଦିନରେ ମଦ ବିକ୍ରି ଓ ଚାଲାଣ ବିରୋଧରେ ଲଗାତାର ଅଭିଯାନ ଚାଲିଛି। ଗତକାଲି ରାତିରେ ଏମଭି-୭୯ ଥାନା ଅଂଚଳରେ ପୋଲିସ ଚେକିଂ ସମୟରେ ପ୍ରାୟ ୩୫ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ତାଣ୍ଡବାଇ ଗାଁର ଏରା ସୋଡି ନାମକ ଜଣେ ଅଭିଯୁକ୍ତକୁ ପୋଲିସ ଗିରଫ କରିଛି। ଏ ସଂକ୍ରାନ୍ତରେ କେସ୍ ନମ୍ବର ୨୧/୨୦୨୬ ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ଏମଭି ୭୯ ଥାନାର ଏସଆଇ ଶ୍ରୀଚନ୍ଦନ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ତାଣ୍ଡବାଇ ଅଂଚଳରେ ଅବୈଧ ମଦ ବିକ୍ରି ସମ୍ବନ୍ଧୀୟ ଗୁପ୍ତ ସୂଚନା ପାଇ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ଅଭିଯୁକ୍ତଙ୍କ ଠାରୁ ୩୫ ଲିଟର ମଦ ଜବତ କରାଯାଇଥିଲା।

ଏହା ପୂର୍ବରୁ କାଲିମେଳା ଥାନା ଅଂଚଳରେ ମଧ୍ୟ ମଦ ଚୋରାଚାଲାଣ ଅଭିଯୋଗରେ ପୋଲିସ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ଦୁଇ ଥାନା ଅଂଚଳରେ ଲଗାତାର ଚାଲିଥିବା ଏହି କାର୍ଯ୍ୟାନୁଷ୍ଠାନ ମହୋତ୍ସବ ସମୟରେ ମଦ ବ୍ୟବସାୟ ଉପରେ ପ୍ରଶାସନର କଡ଼ା ନଜରକୁ ସ୍ପଷ୍ଟ କରୁଛି। ମହୋତ୍ସବକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ସମସ୍ତ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ଜାନୁଆରୀ ୨୯ ତାରିଖରୁ ଫେବୃଆରୀ ୫ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଏହାସହ ଜିଲ୍ଲା ସୀମା ବାହାରୁ ମଦ ପ୍ରବେଶ, ସଂଗ୍ରହ ଓ ସରବରାହ ଉପରେ ସମ୍ପୂର୍ଣ୍ଣ ନିଷେଧାଜ୍ଞା ଜାରି କରାଯାଇଛି। ସୂଚନାଯୋଗ୍ୟ ଯେ, ମଦ ବନ୍ଦ ହେବାର ସୂଚନା ପୂର୍ବରୁ ମିଳିଥିବାରୁ କିଛି ଗ୍ରାମାଂଚଳର ମଦ ବ୍ୟବସାୟୀ ଆଗରୁ ଅଧିକ ପରିମାଣରେ ମଦ କିଣି ମହଜୁଦ ରଖିଥିବା ସୂଚନା ମିଳିଛି। ବର୍ତମାନ ସେହି ମଦକୁ ଅଧିକ ଦରରେ ଗୁପ୍ତ ଭାବେ ବିକ୍ରି କରାଯାଉଥିବା ଅଭିଯୋଗ ଉଠିଛି। ଏନେଇ ପୋଲିସ ଆହୁରି କଡ଼ା ଯାଂଚ୍ କରି ଏପରି ଅବୈଧ କାରବାରକୁ ବନ୍ଦ କରିବାର ଆବଶ୍ୟକତା ରହିଛି।

ସୂତ୍ରରୁ ପ୍ରକାଶ ଯେ, ମାଲ୍ୟବନ୍ତ ମହୋତ୍ସବ ଫେବୃଆରୀ ୧ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଡିଏନକେ ଗ୍ରାଉଣ୍ଡରେ ଅନୁଷ୍ଠିତ ହେଉଛି। ରାଜ୍ୟର ବିଭିନ୍ନ ସ୍ଥାନରୁ କଳାକାର ଓ ଦର୍ଶକଙ୍କ ଭିଡ଼ ଜମୁଥିବାରୁ ପ୍ରଶାସନ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିଛି।

### ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ବହୁ ବିଶେଷଜ୍ଞ ଡାକ୍ତର ଓ ଫାର୍ମାସିଷ୍ଟ ପଦବି ଖାଲି

**ବାଲିପାଟଣା:** ରାଜଧାନୀ ଉପକଣ୍ଠ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘବର୍ଷ ହେଲା ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି । ପ୍ରାୟ ୨୦ଟି ପଞ୍ଚାୟତର ରୋଗୀ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭରଶୀଳ ଥିବାବେଳେ ପ୍ରତିଦିନ ଏଠାକୁ ୨୦୦ରୁ ୩୦୦ ରୋଗୀ ଆସନ୍ତି । ମାତ୍ର ପରିତାପର ବିଷୟ ବିଶେଷଜ୍ଞ ଡାକ୍ତର, ଫାର୍ମାସିଷ୍ଟ, ଆବଶ୍ୟକ ଯନ୍ତ୍ରପାତି ଓ ଭିତ୍ତିଭୂମି ଅଭାବରୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳିପାରୁନାହିଁ । ତେଣୁ ୮୦ ପ୍ରତିଶତ ରୋଗୀ ରାଜଧାନୀ ରେଫର ହେଉଛନ୍ତି । ଅନେକ ରୋଗୀ ଘରୋଇ ହସ୍ପିଟାଲକୁ ଯାଇ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି । ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ବନମାଳିପୁର, ରାଜସ ଓ ଅଭୟମୁଖୀ ଆଦି ୩ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି । ସେଗୁଡିକର ଅବସ୍ଥା ମଧ୍ୟ ସମାନ ।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୁଖ୍ୟତଃ ଏମ୍‌ବିବିଏସ୍ ଡାକ୍ତର ଓ ସ୍ପେଶାଲିଷ୍ଟଙ୍କୁ ମିଶାଇ ୨୫ଟି ପଦବି ରହିଛି । ସେଥିରୁ ବର୍ତ୍ତମାନ ୧୩ଟି ପଦବି ଫାଙ୍କା ପଡିଛି । ଜଣେ ଦନ୍ତ ଚିକିତ୍ସକଙ୍କୁ ମିଶାଇ ମୋଟ ୧୨ ଜଣ ଡାକ୍ତର ଥିବାବେଳେ ସେମାନଙ୍କ ମଧ୍ୟରୁ ୫ଜଣ ଉଚ୍ଚଶିକ୍ଷା ପାଇଁ ଛୁଟିରେ ଅଛନ୍ତି । ୪ଟି ବିଶେଷଜ୍ଞ ପଦବିରେ ମାତ୍ର ୨ଜଣ ଥିବାବେଳେ ସେମାନଙ୍କ ମଧ୍ୟରୁ ଜଣେ ଥାଇ ନଥିବା ଭଳି । ଶଲ୍ୟ ବିଭାଗ ଓ ଶିଶୁରୋଗ ବିଭାଗରେ ଦୀର୍ଘଦିନ ହେଲା ସ୍ପେଶାଲିଷ୍ଟ ପଦବି ଖାଲିପଡିଛି । ମେଡିକାଲ ଅଫିସର ଶ୍ରୀକାନ୍ତ ବେହେରା ନିଜେ ଭେଷଜ(ମେଡିସିନ) ବିଭାଗ ବିଶେଷଜ୍ଞ ଭାବରେ ରହିଛନ୍ତି । ଲାବରେଟୋରୀ ଟେକ୍ନିସିଆନ ୪ଟି ପଦବିରୁ ୨ଟି ଖାଲିପଡିଛି । ୩ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଥିବାବେଳେ ଆବଶ୍ୟକ ଫାର୍ମାସିଷ୍ଟ, ଆଟେଣ୍ଡାଣ୍ଟ ଓ ସୁଇପର ଭଳି ପଦବି ଫାଙ୍କା ରହିଛି । ବାଲିପାଟଣାରେ ଏକର ଏକର ସରକାରୀ ଜମି ଜବରଦଖଲକାରୀଙ୍କ କବ୍‌ଜାରେ ଥିବାବେଳେ ଏଠାରେ ଗୋଟିଏ ସର୍ଜିକାଲ ୱାର୍ଡ କରିବାକୁ ଜାଗା ମିଳୁନି ।

- ଜାଗା ଅଭାବରୁ ନିର୍ମାଣ ହୋଇପାରୁନି ସର୍ଜିକାଲ ୱାର୍ଡ
- ପଦବୀ ପୂରଣ ପାଇଁ ସାଧାରଣରେ ଦାବି




ତେଣୁ ଅନୁଦାନ ଆସୁଥିଲେ ମଧ୍ୟ ଜାଗା ମିଳୁନଥିବାରୁ ଘର ନିର୍ମାଣ ହୋଇପାରୁନି ।

ପୂର୍ତ୍ତ ବିଭାଗ ଜମି ଅଧିଗ୍ରହଣ ପାଇଁ ଚିଠି ପଠାଇଥିଲେ ମଧ୍ୟ ତହସିଲ ପ୍ରଶାସନ ହାତବାନ୍ଧି ବସିଛି । ମେଡିସିନ ଶୀତତାପ ନିୟନ୍ତ୍ରିତ କୋଠରିରେ ରହିବା କଥା, କିନ୍ତୁ ସାଧାରଣ କୋଠରୀରେ ରଖାଯାଇଛି । ତେଣୁ ବହୁ ମୂଲ୍ୟବାନ ଔଷଧ ନଷ୍ଟ ହେଉଛି । ଷ୍ଟାଫ୍ କ୍ୱାର୍ଟର୍ସ ଯେତିକି ଅଛି, ତାହା ବ୍ୟବହାର ନହୋଇ ଅଧିକାଂଶ ଖାଲି ପଡ଼ିଛି । ତେଣୁ ଏଠାରେ ସ୍ପେଶାଲିଷ୍ଟ ଡାକ୍ତର ବିଶେଷକରି ଅସ୍ଥିଶଲ୍ୟ ବିଭାଗ ସ୍ପେଶାଲିଷ୍ଟ, ଶିଶୁରୋଗ ବିଭାଗ ସ୍ପେଶାଲିଷ୍ଟ ନିଯୁକ୍ତ କରିବାକୁ ଦାବି ହେଉଛି । ଏ ସମ୍ପର୍କରେ ମେଡିକାଲ ଅଫିସର ଡାକ୍ତର ଶ୍ରୀକାନ୍ତ ବେହେରା କହିଛନ୍ତି, ବ୍ଲକସ୍ତରରେ ଯାହା ସୁବିଧା ମିଳିବା କଥା ଏଠାରେ ମିଳୁଛି । ଯାହା ସମସ୍ୟା ଅଛି ସବୁ ମାସରେ ରିପୋର୍ଟ ଦିଆଯାଉଛି । ଯେତିକି ଡାକ୍ତର ଆବଶ୍ୟକ, ସରକାରଙ୍କ ପାଖରେ ସେତିକି ଡାକ୍ତର ନାହାନ୍ତି ।

# ଜିଲ୍ଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

**ଖୋର୍ଦ୍ଧା:** ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜଙ୍କ ପୌରହିତ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି । ଏହି ଅବସରରେ ବ୍ୟାପକ ସଚେତନତା ଜାଗରଣ କରିବା ନିମନ୍ତେ ଏକ ସପ୍ତାହ ବ୍ୟାପି ୧୭ ଜାନୁୟାରୀ ଠାରୁ ୨୪ ଜାନୁୟାରୀ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ସ୍କୁଲ, କଲେଜ ଗୁଡିକରେ ଚିତ୍ରାଙ୍କନ, ନିବନ୍ଧ, ବକ୍ତୃତା ଓ ଅନ୍ୟାନ୍ୟ ପ୍ରତିଯୋଗିତାମାନ ଆୟୋଜିତ କରାଯାଇଥିଲା । ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରତାପ ଚନ୍ଦ୍ର ବେଉରା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ, ଆରକ୍ଷୀ ନିରୀକ୍ଷକ ମମତା ପତି ଯୋଗଦେଇଥିଲେ କ୍ଷ ଜାତୀୟ କନ୍ୟା ସନ୍ତାନ ଦିବସ ପାଳନର ଉଦ୍ଦେଶ୍ୟ ଆଭିମୁଖ୍ୟ, କନ୍ୟା ସନ୍ତାନ ମାନଙ୍କର ଅଧିକାର ଏବଂ ସେମାନଙ୍କ ସଶକ୍ତିକରଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ବିସ୍ତୃତ ଭାବେ ବକ୍ତବ୍ୟ ପ୍ରଦାନ କରିଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ କୁସୁମ କୁମାରୀ ପ୍ରହାରାଜ ଅତିଥି ପରିଚୟ ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ବିଡିଓ ଟାଙ୍ଗୀ, ଚିଲିକା, ଏବିଡିଓ ବୋଲଗଡ଼, ସମସ୍ତ ବ୍ଲକର ଶିଶୁ ଉନ୍ନୟନ ପ୍ରକଳ୍ପ ଅଧିକାରୀ, ଅଙ୍ଗନୱାଡ଼ି ସୁପରଭାଇଜର, ଶକ୍ତି ସଦନ, ଓଏସସି, ସ୍ୱେଚ୍ଛାସେବୀ ସଂଗଠନ, କିଶୋରୀ ବାଳିକା ଏବଂ ପ୍ରମୁଖ ଲାଇନ୍ ଡିପାର୍ଟମେଂଟ ଅଧିକାରୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାସ୍ତରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କନ୍ୟା ଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ପୁରସ୍କୃତ କରିଥିଲେ । ପରିଶେଷରେ ଜିଲ୍ଲା ସଂଯୋଜିକା, ହବ, ସସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।




# ଅଣ୍ଡର-୧୯ ବିଶ୍ୱକପ ଫାଇନାଲରେ ଭାରତ

- ଆରୋନଙ୍କ ଶତକ
- ଆଫଗାନିସ୍ତାନକୁ ୭ ୱିକେଟରେ ପରାସ୍ତ କଲା
- ସର୍ବାଧିକ ରନ୍ ପିଛା କରି ରଚିଲେ ଇତିହାସ

**ନୂଆଦିଲ୍ଲୀ, ୪।୨:** ଭାରତ ୧୯ ବର୍ଷରୁ କମ୍ ବିଶ୍ୱକପର ଫାଇନାଲରେ ପହଞ୍ଚିଛି । ବୁଧବାର ଦ୍ୱିତୀୟ ସେମିଫାଇନାଲରେ ଭାରତ ଆଫଗାନିସ୍ତାନକୁ ସାତ ୱିକେଟରେ ପରାସ୍ତ କରିଛି । ହରାରେ ସ୍ପୋର୍ଟ୍ସ କ୍ଲବରେ ୪୧.୧ ଓଭରରେ ୩୧୧ ରନର ଟାର୍ଗେଟକୁ ପିଛା କରି ଭାରତ ଇତିହାସ ସୃଷ୍ଟି କରିଛି । ଏହା ୧୯ ବର୍ଷରୁ କମ୍ ବିଶ୍ୱକପରେ କୌଣସି ଦଳ ଦ୍ୱାରା ପିଛା କରାଯାଇଥିବା ସର୍ବାଧିକ ଟାର୍ଗେଟ୍ । ଆଫଗାନିସ୍ତାନ ନିର୍ଦ୍ଧାରିତ ୫୦ ଓଭରରେ ୪ ୱିକେଟ୍ ହରାଇ ୩୧୦ ରନ୍ କରିଥିଲା ।

ଟାର୍ଗେଟ୍ ପିଛା କରି ବୈଭବ ସୂର୍ଯ୍ୟବଂଶୀ ଭାରତକୁ ଚମତ୍କାର ଆରମ୍ଭ ଦେଇଥିଲେ । ସେ ଆରୋଜ୍ ଜର୍ଜଙ୍କ ସହିତ ପ୍ରଥମ ୱିକେଟ ପାଇଁ ୯୦ ରନ ଯୋଡିଥିଲେ । ସୂର୍ଯ୍ୟବଂଶୀ ୩୩ ବଲରୁ ୯ ଚୌକା ଏବଂ ୪ ଛକା ସହାୟତାରେ ୬୮ ରନ କରିଥିଲେ । ଏହା ପରେ ଜର୍ଜ ଅଧିନାୟକ ଆୟୁଷ ମହାତ୍ରେ (୫୯ ବଲରୁ ୬୨ ରନ) ସହିତ ଦ୍ୱିତୀୟ ୱିକେଟ ପାଇଁ ୧୧୪ ରନର ପାର୍ଟନରସିପ୍ କରିଥିଲେ । ଉମରଜାଇ ୨୭ତମ ଓଭରରେ ଆୟୁଷଙ୍କୁ ଆଉଟ୍ କରିଥିଲେ । ଆରୋଜ୍ ଜର୍ଜ ୧୦୪ ବଲ୍‌ରେ ୧୧୫ ରନ୍ କରି ଇତିହାସ ରଚିଥିଲେ । ୪୦ତମ ଓଭରରେ ୱାହିଦୁଲ୍ଲାହ ଜାଦ୍ରାନଙ୍କ ଦ୍ୱାରା ଜର୍ଜ ଆଉଟ୍ ହୋଇଥିଲେ । ବିହାନ ମାଲହୋତ୍ରା ୪୭ ବଲ୍‌ରେ ୩୮ ରନ୍ କରି ଅପରାଜିତ ରହିଥିଲେ । ଏହି ବିଜୟ ସହ ଭାରତ ଦଶମ ଥର ପାଇଁ ଫାଇନାଲରେ ପ୍ରବେଶ କରିଛି । ଫେବୃଆରୀ ୬ରେ ଟାଇଟଲ୍ ମ୍ୟାଚ୍‌ରେ ଇଂଲଣ୍ଡକୁ ଭେଟିବ । ଭାରତ ପାଞ୍ଚ ଥର ଟାଇଟଲ୍ ଜିତିଥିବା ଟୁର୍ଣ୍ଣାମେଣ୍ଟରେ ଏକ ସଫଳ ଦଳ ।



ଆଫଗାନିସ୍ତାନ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୫୦ ଓଭରରେ ୪ ୱିକେଟ୍ ହରାଇ ୩୧୦ ରନ୍ କରିଥିଲା । ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଭାରତ ବିପକ୍ଷରେ ପ୍ରଥମ ଥର ପାଇଁ ୩୦୦ରୁ ଅଧିକ ରନ୍ ସଂଗ୍ରହ କରିଥିଲା । ଫୈସଲ ସିନୋଜାଦା ଏବଂ ଉଜେିରୁଲ୍ଲା ନିଆଜାଇ ଶତକ ହାସଲ କରିଥିଲେ । ନିଆଜାଇ ୯୩ ବଲ୍ ?ରେ ୧୫ ଚୌକା ମାରି ୧୧୦ ରନ୍ କରିଥିଲେ । ଏହା ଟୁର୍ଣ୍ଣାମେଣ୍ଟର ତାଙ୍କର ଦ୍ୱିତୀୟ ଶତକ ଥିଲା । ଉଜାୟରଉଲ୍ଲା ୮୬ ବଲରୁ ୧୨ ଚୌକା ଏବଂ ଦୁଇଟି ଛକା ସହାୟତାରେ ଅପରାଜିତ ୧୦୧ ରନ୍ କରିଥିଲେ । ସେ ଶେଷ ଓଭରରେ ତାଙ୍କର ଶତକ ପୂରଣ କରିଥିଲେ । ଅବଦୁଲ ଅଜିଜ ୭ ରନ୍ କରି ଅପରାଜିତ ରହିଥିଲେ । ସେ ଶେଷ ଓଭରରେ ତାଙ୍କର ଶତକ ପୂରଣ କରିଥିଲେ । ଅବଦୁଲ ଅଜିଜ ୭ ରନ୍ କରି ଅପରାଜିତ ରହିଥିଲେ ।

■ ଏସୀୟ ରାଇଫଲ୍ ଓ ପିସ୍ତଲ୍ ଚାମ୍ପିୟନସିପ

## ସ୍ୱର୍ଣ୍ଣ ଜିତିଲେ ଇଶା, ୭ମରେ ମନୁ



**ନୂଆଦିଲ୍ଲୀ, ୪।୨:** ଦିଲ୍ଲୀର ଡ. କର୍ଣ୍ଣି ସିଂ ସୁଟିଂ ରେଞ୍ଜରେ ଚାଲିଥିବା ଏସୀୟ ରାଇଫଲ୍ ଓ ପିସ୍ତଲ୍ ଚାମ୍ପିୟନସିପ୍‌ରେ ଭାରତର ଇଶା ସିଂ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ସେ ମହିଳା ୧୦ ମିଟର ଏୟାର ପିସ୍ତଲ୍ ବର୍ଗରେ ଏହି ପଦକ ଜିତିଛନ୍ତି । ସେ ୨୩୯.୮ ପଏଣ୍ଟ ପାଇଥିବାବେଳେ ଚାଇନିଜ୍ ତାଇପେଇର ୟେନ-ସିଙ୍ଗ ସେଙ୍ଗ୍ ୨୩୫.୪ ପଏଣ୍ଟ ସହ ରୌପ୍ୟ ପଦକ ଜିତିଛନ୍ତି । ସେହିପରି ଚାଇନିଜ୍ ତାଇପେଇର ଆଇ-ଓ୍ୱେନ ୟୁ ୨୧୭.୭ ପଏଣ୍ଟ ସହ ବ୍ରୋଞ୍ଜ୍ ପଦକ ଜିତିଛନ୍ତି । ତେବେ ଭାରତର ସୁରୁଚି ସିଂ ୧୯୭.୭ ପଏଣ୍ଟ ସହ ୪ର୍ଥ ଓ ଅଲମ୍ପିକ ପଦକ ବିଜୟିନୀ ମନୁ ଭାକର ୧୩୫.୩ ପଏଣ୍ଟ ସହ ୭ମ ସ୍ଥାନରେ ରହିଥିଲେ । ସେହିପରି ପୁରୁଷ ବର୍ଗରେ ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ସମ୍ରାଟ ରାଣା ବ୍ରୋଞ୍ଜ୍ ପଦକ ଜିତିଛନ୍ତି । ସେ ୨୨୦.୩ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଥିଲେ । ଉଜବେକିସ୍ତାନର ଭ୍ଲାଦିମିର ସଭେଚନିକଭ ୨୪୨ ପଏଣ୍ଟ ସହ ସ୍ୱର୍ଣ୍ଣ ଜିତିଥିବାବେଳେ କାଜାକସ୍ତାନର ଭାରେଲି ରାଖିମଜାନ ୨୪୧ ପଏଣ୍ଟ ସହ ରୌପ୍ୟ ଜିତିଛନ୍ତି ।

## ୨୦୨୭ରେ ଏସୀୟ ରାଇଫଲ୍-ପିସ୍ତଲ୍ ଚାମ୍ପିଅନସିପ୍ ଆୟୋଜନ କରିବ ଭାରତ

**ନୂଆଦିଲ୍ଲୀ, ୪।୨:** ଦେଶର ଅଲିମ୍ପିକ୍ କ୍ରୀଡ଼ା ସୁଟିଂ ପାଇଁପ୍ରଶାସକ ସଂସ୍ଥା, ଭାରତୀୟ ଜାତୀୟ ରାଇଫଲ୍ ସଂଘ (ଏନଆରଏଆଇ) ମଙ୍ଗଳବାର ଘୋଷଣା କରିଛି ଯେ ନୂଆଦିଲ୍ଲୀ ୨୦୨୭ ରେ ଏସୀୟ ରାଇଫଲ୍-ପିସ୍ତଲ୍ ଚାମ୍ପିଅନସିପ୍ ଆୟୋଜନ କରିବାର ଅଧିକାର ପାଇଛି । ଏହି ପ୍ରତିଷ୍ଠିତ ମହାଦେଶୀୟ ପ୍ରତିଯୋଗିତାରେ ଲସ୍ ଆଞ୍ଜେଲସ୍ ୨୦୨୮ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ ଗେମ୍ସ ପାଇଁ ଆଠଟି କୋଟା ସ୍ଥାନ ବାଜିରେ ଲାଗିବ । ଏସୀୟ ଶୁଟିଂ କନଫେଡେରେସନ (ଏଏସସି) ମହାସଚିବ ଇଞ୍ଜିନିୟର ଦୁଆଇଜ୍ ଅଲଓତାଇବି ଫେବୃଆରୀ ୨ ରେ ଏନଆରଏଆଇ ସଭାପତି କଳିକେଶ ନାରାୟଣ ସିଂହ ଦେଓଙ୍କୁ ପଠାଯାଇଥିବା ଏକ ଚିଠିରେ ଏହା ନିଶ୍ଚିତ କରିଛନ୍ତି । ଏହା ଲଗାତାର ଦ୍ୱିତୀୟ ଥର ହେବ ଯେତେବେଳେ ଭାରତ ରାଇଫଲ୍ ଏବଂ ପିସ୍ତଲ୍ ଇଭେଂଟ ପାଇଁ ଏହି ଶୀର୍ଷ ମହାଦେଶୀୟ ଚାମ୍ପିଅନସିପ୍ ଆୟୋଜନ କରିବ ।

# ଆଇସିସି ଟି-୨୦ ର୍ୟାଙ୍କିଙ୍ଗରେ ଇଶାନଙ୍କ ଲମ୍ବା ଡିଆଁ

**ନୂଆଦିଲ୍ଲୀ, ୪।୨:** ଟି-୨୦ ବିଶ୍ୱକପ ପୂର୍ବରୁ ଇଶାନ କିଷନଙ୍କ ପାଇଁ ଖୁସି ଖବର । ଆଇସିସି ରାଙ୍କିଂରେ ମାରିଲେ ବଡ଼ ଲମ୍ଫ । ସିଧା ୩୨ ଜଣ ଖେଳାଳିଙ୍କୁ ପଛରେ ପକାଇଛନ୍ତି ଏହି ବାମହାତୀ ବ୍ୟାଟ୍ସମ୍ୟାନ । ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜରେ ଦୀର୍ଘଦିନ ପରେ ଦଳକୁ ଫେରିଥିଲେ । ଏହି ସିରିଜରେ ଦମଦାର ପ୍ରଦର୍ଶନ କରିଥିଲେ । ଶତକୀୟ ପାଳି ଖେଳି ଦଳକୁ ଖାଲି ବିଜୟ କରାଇନଥିଲେ । ବରଂ ଏହି ସିରିଜର ନିଜର ବଳିଷ୍ଠ ପ୍ରଦର୍ଶନ ପାଇଁ ଆଇସିସି ରାଙ୍କିଂରେ ଉନ୍ନତି କରିଛନ୍ତି । ସେ ୩୨ ଜଣଙ୍କୁ ପଛରେ ପକାଇ ଏବେ ୩୨ ନମ୍ବର ସ୍ଥାନରେ ରହିଛନ୍ତି ।



ସେପଟେ ଅନ୍ୟ ଭାରତୀୟ ଖେଳାଳିଙ୍କ କଥା ଯଦି କହିବା ତାହେଲେ ଅଭିଶେକ ଶର୍ମା ଏବେ ମଧ ଏକ ନମ୍ବର ସ୍ଥାନରେ ରହିଛନ୍ତି । ସୂର୍ଯ୍ୟକୁମାର ଯାଦବ ଦମଦାର ପ୍ରଦର୍ଶନ କରିଥିଲେ । ସେ ଗୋଟିଏ ସ୍ଥାନ ଉପରକୁ ଉଠିଛନ୍ତି । ପୂର୍ବରୁ ସପ୍ତମ ସ୍ଥାନରେ ରହିଥିଲେ । ମାତ୍ର ଏବେ ସେ ଷଷ୍ଠ ସ୍ଥାନକୁ ଉଠିଛନ୍ତି । ସେପଟେ ଶିଭମ ଦୁବେ ୧୭ ଜଣଙ୍କୁ ପଛରେ ପକାଇ ଏବେ ୪୧ ନମ୍ବରରେ ରହିଛନ୍ତି । ସବୁଠାରୁ ଅଧିକ କ୍ଷତି ସହିଛନ୍ତି ସଞ୍ଜୁ ସମାସନ । ସମ୍ପୂର୍ଣ୍ଣ ସିରିଜରେ ଫ୍ଲପ ହୋଇଥିବା ଏହି ୱିକେଟ କିପର ବ୍ୟାଟ୍ସମ୍ୟାନ ଏବେ ୫୬ ନମ୍ବର ସ୍ଥାନକୁ ଖସି ଯାଇଛନ୍ତି । ତିଳକ ବର୍ମାଙ୍କ କଥା ଯଦି କହିବା ତାହେଲେ ସେ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ଆହତ କାରଣରୁ ଖେଳିବାର ସୁଯୋଗ ପାଇନଥିଲେ । ଏବେ ସେ ଚତୁର୍ଥ ସ୍ଥାନରେ ରହିଛନ୍ତି ।

ବୋଲରଙ୍କ କଥା ଯଦି ବିଚାରକୁ ନେବା ତାହେଲେ ଭାରତୀୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଏବେ ଶୀର୍ଷ ସ୍ଥାନରେ ରହିଛନ୍ତି । ଦ୍ୱିତୀୟ ସ୍ଥାନରେ ରହିଥିବା ପାକିସ୍ତାନୀ ସ୍ପିନର ଅବରାର ଅହମ୍ମଦଙ୍କ ଠାରୁ ୨୮ ପଏଣ୍ଟ ଅଧିକ ରହିଛନ୍ତି । ଆଗକୁ ଟି-୨୦ ବିଶ୍ୱକପ ଆସୁଥିବାବେଳେ ଏହି ପଏଣ୍ଟ ଖେଳାଳିଙ୍କ ଉପରେ ମଧ ପ୍ରଭାବ ପକାଇବ । ଭାରତୀୟ ଖେଳାଳିମାନେ ଏବେ ଦମଦାର ଫର୍ମରେ ରହିଥିବାବେଳେ ବିଶ୍ୱକପର ପ୍ରମୁଖ ଦାବିଦାର ହେବ ବୋଲି ଆଶା କରାଯାଉଛି ।

## ବିଦ୍ୟା ବିକାଶ ଏବଂ ମିଡିଆ ଏକାଦଶ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ

**ସମ୍ବଲପୁର, ୪।୨:** ବିଦ୍ୟା ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ ଆୟୋଜନରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟା ବିକାଶ ହସ୍ପିଟାଲ ଏକାଦଶକୁ ୪୬ ରନରେ ହରାଇ ସମ୍ବଲପୁର ମିଡିଆ ଏକାଦଶ ବିଜୟୀ ହୋଇଛି । ଶାସନ ସ୍ଥିତ ବିକାଶ ସ୍କୁଲ ପଡ଼ିଆରେ ଆୟୋଜିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂକରି ସୁଭାଶିଷ ପାଡ଼ୀଙ୍କ ଅଧିନାୟକତ୍ୱରେ ମିଡିଆ ଏକାଦଶ ଦଳ ୧୨ ଓଭରରେ ୭ ୱିକେଟ୍ ହରାଇ ୧୦୭ ରନ୍ କରିଥିଲା । ଜବାବରେ ବିଦ୍ୟା ବିକାଶ ହସ୍ପିଟାଲ ଦଳ ୯ ଓଭରରେ ୬୧ ରନ କରି ଅଲଆଉଟ୍ ହୋଇଯାଇଥିଲା । ମିଡ଼ିଆ ଦଳର ସତ୍ୟଜିତ ମହାପାତ୍ରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା । ସୁନୀଲ ସିଂହ, ସୁଶାନ୍ତ ଏବଂ ଅକ୍ଷୟ ଖେଳ ପରିଚାଳନା କରିଥିବା ବେଳେ ପ୍ରାଞ୍ଜଳ ସିଂହ ଏବଂ ପ୍ରେମରାଜ ବଘାର ସ୍କୋରର ଦାୟିତ୍ୱ ତୁଲାଇଥିଲେ । ବିଦ୍ୟା ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସର ଅଧ୍ୟକ୍ଷ ଜି. ଭାସ୍କର ରାଓ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜି. ରାମକୃଷ୍ଣ, ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜୀବ ବାବୁ, ବିକାଶ ଦି କନସେପ୍ଟ ସ୍କୁଲର ଅଧ୍ୟକ୍ଷ ମନୋରଞ୍ଜନ ପତି, ସିନିୟର ସେକେଣ୍ଡାରୀ ବିଦ୍ୟାଳୟର ଅଧ୍ୟକ୍ଷା ଡ. ପୁଷ୍ପିତା ପଣ୍ଡା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡଃ. ଦିବ୍ୟସିଂହ ମହାନ୍ତ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ ।

# 'ରୋ-କୋ'ଙ୍କ ସମର୍ଥରେ ମୁହଁ ଖୋଲିଲେ ଧୋନୀ

**ନୂଆଦିଲ୍ଲୀ, ୪।୨:** ୪୪ ବର୍ଷୀୟ ଧୋନୀ ଗୋଟିଏ କାର୍ଯ୍ୟକ୍ରମରେ କହିଥିଲେ କି, ୩୦ରୁ ଅଧିକ ବୟସ ଖେଳାଳିଙ୍କ ଉପରେ ପ୍ରଶ୍ନ କରିବା ଠିକ୍ ନୁହେଁ । ସେ ଆହୁରି କହିଥିଲେ କି, ରୋ-କୋଙ୍କ ପରି ଅନୁଭବୀ ଖେଳାଳି ବିଷୟରେ ଏପରି କହିବା ଠିକ୍ ନୁହେଁ । ଧୋନି ଆହୁରି କହିଛନ୍ତି ଯେ,

**କହିଲେ - ବୟସ ନୁହେଁ, ଫିଟ୍‌ନେସ୍ ଜରୁରୀ**



ସେମାନଙ୍କ ଉପରେ ନିର୍ଭର କରେ ଉଭୟ ଖେଳିବେ କି ନାହିଁ । କିନ୍ତୁ ମୋ ମତରେ ଉଭୟ ଖେଳିବା ନିହାତ ଦରକାର । କାର୍ଯ୍ୟକ୍ରମରେ ଏମଏସ ଧୋନି କହିଥିଲେ, ବୟସ କଣ ଗୁରୁତ୍ୱପୂର୍ଣ୍ଣ ଆଦୌ ନୁହେଁ । ଫିଟନେସ୍ ଗୁରୁତ୍ୱପୂର୍ଣ୍ଣ ।

ଯଦି ଜଣେ ୨୨ ବର୍ଷୀୟ ଖେଳାଳି ଫିଟ୍ ନହୁଏ, ତେବେ ସେ ଦଳରେ ରହିବା ଉଚିତ୍ ନୁହେଁ । ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିବା ପାଇଁ ନିର୍ଦ୍ଦିଷ୍ଟ ମାନଦଣ୍ଡ ଅଛି । ରୋହିତ, ବିରାଟ କିମ୍ବା ଭବିଷ୍ୟତରେ ଅନ୍ୟ କୌଣସି ଖେଳାଳି ପରବର୍ତ୍ତୀ ବିଶ୍ୱକପ୍ ଖେଳିବେ କି ନାହିଁ ତାହା ନିଷ୍ପତ୍ତି ନେବା ଆମର କାମ ନୁହେଁ । ଯଦି ସେମାନେ ନିରନ୍ତର ଭଲ ପ୍ରଦର୍ଶନ କରୁଛନ୍ତି । ଦେଶ ପାଇଁ ଖେଳିବାର ଆଗ୍ରହ ରଖିଛନ୍ତି, ତେବେ ସେମାନେ ନିଶ୍ଚିତ ଭାବରେ ଖେଳିବା ଉଚିତ ।

ଗତ ବର୍ଷ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ୨୦୨୭ ବିଶ୍ୱକପରେ ଅଂଶଗ୍ରହଣକୁ ନେଇ ଆଲୋଚନା ଜୋର ଧରିଥିଲା । ସେତେବେଳେ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଗତ ବର୍ଷ କହିଥିଲେ ଯେ ଉଭୟ ଖେଳାଳି ଟୁର୍ଣ୍ଣାମେଣ୍ଟ ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ ନୁହଁନ୍ତି । ୨୦୨୭ ଦିନିକିଆ ବିଶ୍ୱକପ୍ ସୁଦ୍ଧା ରୋହିତଙ୍କ ବୟସ ୪୦ ବର୍ଷରୁ ଅଧିକ ହେବ । କୋହଲିଙ୍କ ବୟସ ପ୍ରାୟ ୩୯ ହେବ । ତଥାପି, ଉଭୟ କିମ୍ବଦନ୍ତୀ ବ୍ୟାଟସମ୍ୟାନ୍ ଏକଦିବସୀୟ କ୍ରିକେଟରେ ପ୍ରଭାବଶାଳୀ ପ୍ରଦର୍ଶନ ସହିତ ସେମାନଙ୍କର ସମାଲୋଚକମାନଙ୍କୁ ଜବାବ ଦେଇଛନ୍ତି । ସେମାନଙ୍କର ସ୍ଥିର ପ୍ରଦର୍ଶନ ପ୍ରମାଣ କରିଛି ଯେ ବୟସ ଅପେକ୍ଷା ଅଭିଜ୍ଞତା ଓ ଶ୍ରେଣୀ ଅଧିକ ଗୁରୁତ୍ୱପୂର୍ଣ୍ଣ । ଧୋନି ଦଳ ଚୟନରେ ସନ୍ତୁଳନ ବିଷୟରେ ମଧ କହିଥିଲେ । ସେ କହିଥିଲେ ଯେ ଯୁବ ଉତ୍ସାହ ଏବଂ ଅଭିଜ୍ଞତାର ସଠିକ୍ ମିଶ୍ରଣ ଜରୁରୀ, କିନ୍ତୁ ଏହା ଫିଟନେସ୍ ମୂଲ୍ୟରେ ହେବା ଉଚିତ୍ ନୁହେଁ ।

ଏମ୍ ଏସ୍ ଧୋନି କହିଛନ୍ତି, ଯଦି ଜଣେ ଖେଳାଳି ୩୫ ବର୍ଷ ବୟସର ତେବେ ସେ ସମ୍ପୂର୍ଣ୍ଣ ଫିଟ୍ । ତାଙ୍କ ବୟସ ଗୁରୁତ୍ୱପୂର୍ଣ୍ଣ ନୁହେଁ । ୨୪ ବର୍ଷ ବୟସର ଓ ୩୫ ବର୍ଷ ବୟସର ଖେଳାଳିଙ୍କ ପ୍ରଦର୍ଶନ ମାନଦଣ୍ଡ ସମାନ ହେବା ଉଚିତ । ଚୟନରେ କାହାକୁ ଭିନ୍ନ ଭାବରେ ବ୍ୟବହାର କରାଯିବା ଉଚିତ୍ ନୁହେଁ । ଯଦି ଜଣେ ଖେଳାଳି ଫିଟ୍ ଅଛନ୍ତି ଏବଂ ଭଲ ପ୍ରଦର୍ଶନ କରୁଛନ୍ତି, ତେବେ ତାଙ୍କର ଦଳରେ ରହିବାର ସମ୍ପୂର୍ଣ୍ଣ ଅଧିକାର ଅଛି । ଏମଏସ ଧୋନିଙ୍କ ଏହି ବକ୍ତବ୍ୟ ଏପରି ଏକ ସମୟରେ ଆସିଛି ଯେତେବେଳେ ଭାରତୀୟ ଦଳର ଭବିଷ୍ୟତ ଓ ୨୦୨୭ ବିଶ୍ୱକପ୍ ପାଇଁ ଏହାର ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ତୀବ୍ର ହେଉଛି ।

# ଆଜି ଆରସିବି-ଦିଲ୍ଲୀ ଫାଇନାଲ୍

**ବଡ଼ୋଦରା, ୪।୨:** ଡବ୍‌ଲ୍ୟୁପିଏଲ୍‌ର ଫାଇନାଲ୍‌ରେ ଗୁରୁବାର ଦିଲ୍ଲୀ କ୍ୟାପିଟାଲ୍‌ସ ଓ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ମୁହାଁମୁହିଁ ହେବେ । ଦିଲ୍ଲୀ ପ୍ରଥମ ଓ ଆର୍‌ସିବି ଦ୍ୱିତୀୟ ଥର ବିଜେତା ହେବାର

**ଡବ୍‌ଲ୍ୟୁପିଏଲ୍**

**ପ୍ରଥମ ଟାଇଟଲ୍ ଲକ୍ଷ୍ୟରେ ଡିସି**

**ଦ୍ୱିତୀୟଥର ଚାମ୍ପିୟନ ହେବାକୁ ପ୍ରସ୍ତୁତ ଆର୍‌ସିବି**

ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇବ । ଏହା ପୂର୍ବରୁ ଆର୍‌ସିବି ୨୦୨୪ ମସିହାରେ ବିଜେତା ହେବାର ଗୌରବ ଅର୍ଜନ କରିସାରିଛି ।

ଗତ ତିନିଟି ଯାକ ସଂସ୍କରଣ ଅର୍ଥାତ୍ ୨୦୨୩, ୨୦୨୪ ଓ ୨୦୨୫ରେ ଉପବିଜେତା ହୋଇଥିବା ଦିଲ୍ଲୀ କିନ୍ତୁ ଏଥର ଶେଷ ହିଡ଼ ଡେଇଁବା ଆଶାରେ ଅଛି । ଏହି ପ୍ରତୀକ୍ଷିତ ମ୍ୟାଚ୍ ରାତି ୭ଟା ୩୦ରୁ ଆରମ୍ଭ ହେବ । ଚଳିତବର୍ଷର ଲିଗ୍‌ରେ ଆର୍‌ସିବି ପଏଣ୍ଟ ତାଲିକାର ଶୀର୍ଷରେ ରହି ସିଧାସଳଖ ଫାଇନାଲ୍ ଟିକେଟ ହାସଲ କରିଥିଲା ।



ଅନ୍ୟପକ୍ଷରେ ଦିଲ୍ଲୀ ଏଲିମିନେଟର୍ ମୁକାବିଲାରେ ଗୁଜରାଟ ଜାଏଣ୍ଟ୍‌ସକୁ ୭ ୱିକେଟ୍‌ରେ ହରାଇ ଟ୍ରଫି ଲଢ଼େଇରେ ଅବତୀର୍ଣ୍ଣ ହେବାକୁ ଯାଉଛି । ଦିଲ୍ଲୀ ବିଜୟରେ ଅଧିନାୟିକା ଜେମିମା ରଡ୍ରିଗ୍ସ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଗୁରୁବାର ମଧ ତାଙ୍କଠାରୁ ଦିଲ୍ଲୀ ଏକ ବଡ଼ ପାଳି ଆଶାରେ ରହିବ ।

ଉଭୟ ଦଳ ମଧ୍ୟରେ ଖେଳାଯାଇଥିବା ଗତ ୫ଟି ମ୍ୟାଚ୍‌ରୁ ତିନିଟି ଜିତି ଆର୍‌ସିବି କିନ୍ତୁ ଆଗୁଆ ରହିଛି । ଏହି ଦଳରେ ଅଧିନାୟିକା ସ୍ମୃତି ମନ୍ଧାନା ଓ ରିଚା ଘୋଷଙ୍କ ଭଳି ଖେଳାଳି ମଧ ଅଛନ୍ତି । ମନ୍ଧାନା ଓ ଜେମିମା ପରସ୍ପରର ଭଲ ବନ୍ଧୁ । ଗୁରୁବାର କିନ୍ତୁ କେହି କାହାରିକୁ ସହଜରେ ବାଟ ଛାଡ଼ିବେନି ବୋଲି ସ୍ପଷ୍ଟ କରି ଦେଇଛନ୍ତି ।

## ସାଫ୍ କପ୍ ଫାଇନାଲ୍‌ରେ ଭାରତ

**ପୋଖରା, ୪।୨:** ଭାରତର ୧୭ ବର୍ଷରୁ କମ୍ ମହିଳା ଫୁଟ୍‌ବଲ୍ ଦଳ ସାଫ୍ ୧୯ ବର୍ଷରୁ କମ୍ ମହିଳା ପ୍ରତିଯୋଗିତାର ଫାଇନାଲ୍‌ରେ ପ୍ରବେଶ କରିଛି । ନେପାଳର ପୋଖରା ରଙ୍ଗଶାଳା ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଶେଷ ରାଉଣ୍ଡ ରବିନ୍ ମ୍ୟାଚ୍‌ରେ ଭାରତ ୮-୦ ଗୋଲ୍‌ରେ ଭୁଟାନକୁ ପରାସ୍ତ କରିଛି । ଆଲିସା ଲିଙ୍ଗଡୋ (୬ ମିନିଟ୍)ଙ୍କ ଗୋଲ୍‌ରେ ଭାରତ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା । ଏହାପରେ ପର୍ଲ ଫର୍ଣ୍ଣାଡିଜ୍ (୧୬, ୩୯, ୪୧ ମିନିଟ୍) ହ୍ୟାଟ୍ରିକ୍, ପ୍ରୀତିକା ବର୍ମା (୨୫, ୯୦ ମିନିଟ୍)ଙ୍କ ଯୁଗଳ ସଫଳତା ଏବଂ ଅଭିଷ୍ଟା ବାସ୍‌ନେଟ୍ (୧୦ ମିନିଟ୍) ଓ ଦିବ୍ୟାନୀ ଲିଣ୍ଡା (୧୭ ମିନିଟ୍)ଙ୍କ ଗୋଲ୍‌ରେ ଭାରତ ଏହି ବଡ଼ ବିଜୟ ପାଇଥିଲା । ପ୍ରୀତିକା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ଅନ୍ୟଏକ ମ୍ୟାଚ୍‌ରେ ବାଂଲାଦେଶ ୪-୦ ଗୋଲ୍‌ରେ ନେପାଳକୁ ପରାସ୍ତ କରିଥିଲା । ଫଳରେ ବାଂଲାଦେଶ (୯ ପଏଣ୍ଟ) ଟେବୁଲ ଶୀର୍ଷରେ ଏବଂ ଭାରତ (୬ ପଏଣ୍ଟ) ଦ୍ୱିତୀୟରେ ରହି ଫାଇନାଲ୍ ସ୍ଥାନ ନିଶ୍ଚିତ କରିଥିଲେ । ଏହି ଦୁଇ ଦଳ ଶନିବାର ଖେଳାଯିବାକୁଥିବା ଫାଇନାଲ୍‌ରେ ମୁହାଁମୁହିଁ ହେବେ । ଏଏଫ୍‌ସି ୧୭ ବର୍ଷରୁ କମ୍ ଏସୀୟ କପ୍‌କୁ ନଜରରେ ରଖି ଭାରତ ଏହି ପ୍ରତିଯୋଗିତା ଲାଗି ୧୯ ବର୍ଷରୁ କମ୍ ଦଳ ନପଠାଇ ୧୭ ବର୍ଷରୁ କମ୍ ଖେଳାଳିଙ୍କୁ ପଠାଇଛି ।



ବଦଳିବ କ୍ରିକେଟ୍ ନିୟମ

# ୭୩ଟି ସଂଶୋଧନ ଆଣିଲା ଏମ୍‌ସିସି

**ନୂଆଦିଲ୍ଲୀ, ୪।୨:** କ୍ରିକେଟ୍‌ର ନିୟମ ପ୍ରଣୟନ କରୁଥିବା ସର୍ବୋଚ୍ଚ ସଂସ୍ଥା ଏମସିସି (ମେରିଲେବୋନ୍ କ୍ରିକେଟ୍ କ୍ଲବ୍) ନିୟମାବଳୀରେ ମୋଟ ୭୩ଟି ସଂଶୋଧନ କରିଛି ଓ ଏଗୁଡ଼ିକ ଆସନ୍ତା ଅକ୍ଟୋବର ମାସରୁ ଲାଗୁ ହେବ । ଏସବୁ ନିୟମଗୁଡ଼ିକ ଆଗାମୀ ଦିନରେ କ୍ରିକେଟ୍‌କୁ ବ୍ୟାପକ ଭାବରେ ପ୍ରଭାବିତ କରିବାର ସମ୍ଭାବନା ରହିଛି । ପ୍ରମୁଖ ସଂଶୋଧନ ମଧ୍ୟରେ ରହିଛି ଟେଷ୍ଟ୍‌ରେ ଶେଷ ଓଭର ବୋଲିଂ ନିୟମ । ଯଦି ଗୋଟିଏ ଦିନର ଖେଳରେ ଶେଷ ଓଭର ବୋଲିଂ କରାଯାଉଛି ଓ ଗୋଟିଏ ୱିକେଟ୍ ପଡ଼ିଲା, ତେବେ ସେହି ଓଭରକୁ ଶେଷ କରିବା ବାଧ୍ୟତାମୂଳକ ହେବ । ଅର୍ଥାତ୍ ଓଭର ମଝିରୁ ଷ୍ଟମ୍ପ ଅପସାରଣ କରାଯାଇପାରିବ ନାହିଁ । ଆଉ ଏକ ସଂଶୋଧିତ ନିୟମ ହେଉଛି ବୋଲରଙ୍କ ରନ୍-ଅପ୍ ସମୟରେ ୱିକେଟ ରକ୍ଷକ ନିଜର ଗ୍ଲୋଭସ୍‌କୁ ଷ୍ଟମ୍ପ ଆଗକୁ ସାମାନ୍ୟ ଆଣିପାରିବେ ଓ ଏଥିପାଇଁ ତାଙ୍କୁ ଦଣ୍ଡିତ କରାଯିବ ନାହିଁ ।



ତେବେ ବୋଲରଙ୍କ ହାତରୁ ବଲ ବାହାରିବା ପରେ ତାଙ୍କର ଗ୍ଲୋଭସ୍ ଷ୍ଟମ୍ପ ପଛରେ ରହିବ । ସେହିପରି ଲାମିନେସନ ହୋଇଥିବା ବ୍ୟାଟ୍‌ଗୁଡ଼ିକୁ ଅନୁମତି ଦିଆଯିବ । ପୁଣି ବିଭିନ୍ନ ସ୍ତରର କ୍ରିକେଟ୍ ( ମହିଳା, କନିଷ୍ଠ, ଉପ-କନିଷ୍ଠ) ପାଇଁ ବଲର ଆକାର ( ସାଇଜ୍-୧,୨ ଓ ୩) ନିର୍ଦ୍ଧାରିତ କରାଯାଇଛି । ସେହିପରି ବନି ହପ୍ କ୍ୟାଚ୍ ନିୟମରେ ପରିବର୍ତ୍ତନ ଅଣାଯାଇଛି ।

*ପ୍ରମୁଖ ସଂଶୋଧନ ମଧ୍ୟରେ ରହିଛି ଟେଷ୍ଟ୍‌ରେ ଶେଷ ଓଭର ବୋଲିଂ ନିୟମ । ଯଦି ଗୋଟିଏ ଦିନର ଖେଳରେ ଶେଷ ଓଭର ବୋଲିଂ କରାଯାଉଛି ଓ ଗୋଟିଏ ୱିକେଟ୍ ପଡ଼ିଲା, ତେବେ ସେହି ଓଭରକୁ ଶେଷ କରିବା ବାଧ୍ୟତାମୂଳକ ହେବ ।*

କ୍ରିକେଟ୍ ଖେଳରେ ଏମସିସି (ମେରିଲେବୋନ୍ କ୍ରିକେଟ୍ କ୍ଲବ୍)ର ବିଶେଷ ଗୁରୁତ୍ୱ ରହିଛି କାରଣ ଏହା କ୍ରିକେଟ୍ ଖେଳର ମୂଳ ନିୟମ ତିଆରି କରୁଥିବା ସର୍ବୋଚ୍ଚ ସଂସ୍ଥା । କ୍ରିକେଟ୍‌ରେ ବ୍ୟାଟିଂ, ବୋଲିଂ, ଫିଲ୍ଡିଂ, ଆଉଟ୍ ହେବାର ପ୍ରକାର, ମ୍ୟାଚ୍‌ର ପରିଚାଳନା, ଫଳାଫଳ ଇତ୍ୟାଦି ସମସ୍ତ ମୂଳ ନିୟମ ଏମସିସି ଦ୍ୱାରା ନିର୍ଦ୍ଧାରିତ । ଏମସିସି ଆଇନଗୁଡ଼ିକ ସାରା ବିଶ୍ୱ କ୍ରିକେଟ୍‌ରେ ଲାଗୁ ହୁଏ । ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଏମସିସିର ନିୟମଗୁଡ଼ିକୁ ଅନୁସରଣ କରେ, କିନ୍ତୁ ଟେଷ୍ଟ, ଦିନିକିଆ ଓ ଟ୍ୱେଣ୍ଟି-୨୦ ପରି ଭିନ୍ନ ଫର୍ମାଟ୍ ପାଇଁ ଆବଶ୍ୟକ ସ୍ଥଳେ ନିଜସ୍ୱ ଖେଳ ସର୍ତ୍ତାବଳୀ ଯୋଗ କରିଥାଏ । ସରଳ ଭାଷାରେ କହିଲେ ଏମସିସିର ନିୟମଗୁଡ଼ିକ ହେଉଛି କ୍ରିକେଟ୍‌ର ଆଧାର ହୋଇଥିବାବେଳେ ଆଇସିସି ସେହି ନିୟମଗୁଡ଼ିକୁ ଆଧାର କରି ଆନ୍ତର୍ଜାତୀୟ ପ୍ରତିଯୋଗିତା କିମ୍ବା ମ୍ୟାଚ୍ ପାଇଁ କିଛି ଅତିରିକ୍ତ ଓ ପରିବର୍ତ୍ତିତ ନିୟମ ଲାଗୁ କରେ । ଏମସିସି ୧୭୮୭ ମସିହାରେ ଲଣ୍ଡନର ଲର୍ଡସଠାରେ ପ୍ରତିଷ୍ଠିତ ହୋଇଥିଲା । ମୂଳରୁ ଏହା ବିଶ୍ୱ କ୍ରିକେଟ୍ ପରିଚାଳନାରେ ସର୍ବୋଚ୍ଚ ସଂସ୍ଥା ଥିଲା, ପରେ ୧୯୦୯ରେ ଏହି ଦାୟିତ୍ୱ ଆଇସିସି (ତତ୍କାଳୀନ ଇମ୍ପେରିଆଲ୍ କ୍ରିକେଟ୍ କାଉନସିଲ୍) ନିକଟକୁ ଆସିଥିଲା । କିନ୍ତୁ ଏବେ ବି କ୍ରିକେଟ୍‌ର ନିୟମ ଏମସିସିର ସ୍ୱତ୍ୱାଧିକାରଭୁକ୍ତ ।

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar